## ସଂକ୍ଷେପରେ

### ବଜ୍ରପାତରେ ଯୁବତୀ ଗୁରୁତର

ବାରଙ୍ଗ,୪।୭(ଡି.ଏନ୍.ଏ.): ରାଜ୍ୟର ବିଭିନ୍ନ ସ୍ଥାନରେ ରବିବାର ଅପରାହ୍ନରେ ଘଡ଼ଘଡ଼ି, ବଜ୍ରପାତ ସହ ଭୀଷଣ ଧରଣର ବର୍ଷା ହୋଇଥିଲା। ତେବେ ବଜ୍ରପାତରେ ବାରଙ୍ଗସ୍ଥିତ ସୀତାରାମ ବଜାରର ଜଣେ ଯୁବତୀ ଗୁରୁତର ହୋଇଛନ୍ତି। ସୀତାରାମ ବଜାରରେ ରହୁଥିବା ଶାନ୍ତିଲତା ବେହେରାଙ୍କ ଝିଅ ସାବିତ୍ରୀ ଘରେ ବସିଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଏହି ବଜ୍ରପାତରେ ସେ ଗୁରୁତର ହୋଇଥିଲେ। ସାବିତ୍ରୀଙ୍କୁ ପରିବାର ଲୋକେ ଉଦ୍ଧାର କରି କଟକ ବଡ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଛନ୍ତି। ବଜ୍ରପାତରେ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଥିବା ବେଳେ ଅଞ୍ଚଳରେ ୩ ଘଣ୍ଟା ପାଇଁ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଥିଲା।

### ଚିଟ୍‌ଫଣ୍ଡ ଅଭିଯୁକ୍ତ କଏଦୀଙ୍କ ମୃତ୍ୟୁ

ଭୁବନେଶ୍ୱର,୪।୭(ବ୍ୟୁରୋ): ରମେଲ୍ ଚିଟ୍‌ଫଣ୍ଡ ଠକେଇ ମାମଲାରେ ଗିରଫ ହୋଇ ଝାରପଡ଼ା ସ୍ୱତନ୍ତ୍ର ଜେଲ୍‌ରେ ଥିବା ଜଣେ ବିଚାରାଧୀନ କଏଦୀଙ୍କ ରବିବାର ମୃତ୍ୟୁ ଘଟିଛି। ସେ ହେଲେ କୋଲକାତାର ରମେନ୍ଦ୍ର ମୋହନ ସରକାର। ୨୦୧୬ ଅଗଷ୍ଟ ୨୨ରେ ରମେନ୍ଦ୍ରଙ୍କୁ ସିବିଆଇ ଗିରଫ କରିଥିଲା। ଦୀର୍ଘଦିନ ହେବ ତାଙ୍କର ସ୍ୱାସ୍ଥ୍ୟ ଖରାପ ଥିଲା। ଉଚ୍ଚ ରକ୍ତ ଚାପ ସମେତ ବିଭିନ୍ନ ରୋଗରେ ସେ ପୀଡିତ ଥିଲେ। ମଝିରେ ମଝିରେ ଚିକିତ୍ସା ନିମନ୍ତେ ଜେଲରୁ ତାଙ୍କୁ ଡାକ୍ତରଖାନା ମଧ ନିଆଯାଉଥିଲା। ରବିବାର ଅପରାହ୍ନରେ ଅସୁସ୍ଥତା କାରଣରୁ ରମେନ୍ଦ୍ର ତଳେ ପଡ଼ିଯିବାରୁ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଚୋରି ଗାଡ଼ିରେ ବୁଲି ଗାଡ଼ି ଚୋରି

- ୩ ପେସାଦାର ଅଭିଯୁକ୍ତ ଗିରଫ
- ୭ ବାଇକ, ୧୧ ମୋବାଇଲ ଫୋନ୍ ଜବତ

ଭୁବନେଶ୍ୱର,୪।୭(ବ୍ୟୁରୋ): ଚୋରି ଗାଡ଼ିରେ ବୁଲି ବୁଲି ଗାଡ଼ି ଚୋରି କରୁଥିବା ଏକ ଗ୍ୟାଙ୍ଗ୍‌ର ୩ଜଣଙ୍କୁ ଖଣ୍ଡଗିରି ଥାନା ପୋଲିସ ଧରିଛି। ସେମାନେ ହେଲେ, କଟକ ସିଡିଏର କାର୍ତ୍ତିକ ପ୍ରକାଶ(୩୨), ଭରତପୁର ଥାନା କୋଲଥିଆର ସାଗର ପୁନ୍ ଓରଫ ନେପୁ(୨୩) ଓ ବରବାରିର ବିକାଶ ରାୟ । ପୋଲିସ ସେମାନଙ୍କ ନିକଟରୁ ୭ ବାଇକ୍ ଓ ୧୧ ମୋବାଇଲ୍ ଫୋନ୍ ଜବତ କରିଛି। ଏମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଏକାଧିକ ଆପରାଧିକ ମାମଲା ରହିଥିବାବେଳେ ସେମାନେ ପେସାଦାର ଅପରାଧୀ ବୋଲି ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି। ଜୁନ୍ ୨୯ରେ ଖଣ୍ଡଗିରି ଥାନା ଅନ୍ତର୍ଗତ ବରବାରିର ରବୀନ୍ଦ୍ର କୁମାର ସ୍ୱାଇଁ(୩୬)ଙ୍କ ବାଇକ ଚୋରି ହୋଇଥିଲା। ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୂର୍ବରୁ ବାଇକ ଚୋରି କରି ଜେଲ୍ ଯାଇଥିବା ସ୍ଥାନୀୟ ଅଞ୍ଚଳର କେତେଜଣ ପେସାଦାର ଚୋରଙ୍କ ତାଲିକା କରି ପୋଲିସ ପଚରାଉଚରା ଆରମ୍ଭ କରିଥିଲା। ପୋଲିସ ପ୍ରଥମେ ପୁନଙ୍କୁ ଧରି ଥାନାକୁ ଆଣିଥିଲା। ତାଙ୍କ ସୂଚନା ଆଧାରରେ ଅନ୍ୟ ଦୁଇ ସହଯୋଗୀଙ୍କୁ ଗିରଫ କରିଥିଲା ପୋଲିସ। ଅଭିଯୁକ୍ତମାନେ ଭୁବନେଶ୍ୱରରେ ବାଇକ ଚୋରି କରିବା ସହ ଲୁଟ୍ ଓ ଛିନତାଇ ଆଦି ଅପରାଧରେ ସମ୍ପୃକ୍ତ ଥିବା ମାନିଥିଲେ। ସଉକ୍ ନାଚ, ପେସା ଚୋରି ପୁନ ଭଲ ନାଚ କରନ୍ତି। ସେ ଏକ ଡ୍ରାନ୍ସ ଗ୍ରୁପ୍ କରି ଷ୍ଟେଜ୍ ପ୍ରୋଗ୍ରାମ କରନ୍ତି। ଡ୍ୟାନ୍ସ ତାଙ୍କର ସଉକ୍ ହୋଇଥିବାବେଳେ ପେଶା ହେଉଛି ଚୋରି। ତାଙ୍କ ନାମରେ ରାଜଧାନୀର ବିଭିନ୍ନ ଥାନାରେ ୫ରୁ ଅଧିକ ଚୋରି ଓ ଲୁଟ୍ ମାମଲା ରହିଛି। ସେ ବାରମ୍ବାର ଜେଲ୍‌ରୁ ବାହାରିବା ପରେ ପୁଣି ଚୋରି ଓ ଲୁଟ୍ କରନ୍ତି।



ଇସ୍କନ ମନ୍ଦିର ସମ୍ମୁଖ





ଡମଣା ଛକ

# ଅଧଘଣ୍ଟାରେ ବଦଳିଗଲା ସ୍ମାର୍ଟସିଟି ଚେହେରା

ଭୁବନେଶ୍ୱର,୪।୭(ବ୍ୟୁରୋ)

ଅଧଘଣ୍ଟା ବର୍ଷାରେ ସବୁକିଛି ବଦଳିଗଲା। ପଦାରେ ପଡିଲା ସ୍ମାର୍ଟସିଟି ଭୁବନେଶ୍ୱରର ଅସଲ ଚେହେରା। ଡ୍ରେନ୍ ନିର୍ମାଣ ଓ ଜଳ ନିଷ୍କାସନ ପାଇଁ କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରାଯାଉଥିଲେ ମଧ ତାହାର ଯେ ଦୁରୁପଯୋଗ ହେଉଛି ତାହା ରବିବାରର ବର୍ଷା ପ୍ରମାଣିତ କରିଦେଲା। ଅପରାହ୍ନ ପ୍ରାୟ ୪ଟା ୧୪ ହେବ, ହଠାତ୍ ଆକାଶରେ କଳାହାଣ୍ଡିଆ ମେଘ ମାଡ଼ି ଆସିଥିଲା। ଚାରିଦିଗରୁ ଅନ୍ଧାର ଘୋଟିଯିବା ସହ ପ୍ରବଳ ବର୍ଷା ଆରମ୍ଭ ହୋଇଥିଲା। ଦକ୍ଷିଣା ପବନ ସାଙ୍ଗକୁ ଘଡ଼ଘଡ଼ି ଓ ବଜ୍ରପାତ ଭୟର ବାତାବରଣ ସୃଷ୍ଟି କରିଥିଲା। ସାଢ଼େ ୪ଟାରୁ ସାଢ଼େ ୫ଟା ପର୍ଯ୍ୟନ୍ତ ଏହି ବାଦଲ ଫଟା ବର୍ଷାରେ ପୂରା ସ୍ମାର୍ଟ ସିଟି ଉବୁଟୁବୁ ହୋଇଯାଇଥିଲା। ସହରର ମାନଚିତ୍ର ପୂରା ବଦଳି ଯାଇଥିଲା। ମୁଖ୍ୟ ରାସ୍ତାଠାରୁ ଆରମ୍ଭ କରି କଲୋନୀ ଓ ଗଳି ରାସ୍ତାରେ କେଉଁଠି ଅଣ୍ଟାଏ ତ ଆଉ କେଉଁଠି ଆଣ୍ଠୁଏ ପାଣିର ସୁଅ ଚାଲିଥିଲା। ତେବେ ବହୁ ସ୍ଥାନରେ ଜଳ ନିଷ୍କାସିତ ହୋଇ ନ ପାରିବାରୁ ଦୀର୍ଘ ସମୟ ଧରି ଅପ୍ରୀତିକର ପରିସ୍ଥିତି ଲାଗି ରହିଥିଲା। ସହର ପ୍ରମୁଖ ଅଞ୍ଚଳ ରସୁଲଗଡ, ବମିଖାଲ, ଡମଣା, ଲକ୍ଷ୍ମୀସାଗର, ସିଆର୍‌ପି, ଆଚାର୍ଯ୍ୟ ବିହାର, ଜୟଦେବ ବିହାର, ପୁରୁଣା ଭୁବନେଶ୍ୱରର ଅଧିକାଂଶ ଅଞ୍ଚଳ ଜଳମଗ୍ନ ହୋଇପଡିଥିଲା। ନାଳ ନର୍ଦ୍ଦମା ପାଣି ରାସ୍ତାରେ ଲହଡି ମାରିଥିଲା। ସହରରେ ବନ୍ୟାର ଭ୍ରମ ସୃଷ୍ଟି ହୋଇଥିଲା। ଆବର୍ଜନା ପାଣି ଭିତରେ ଅନେକ ସ୍ଥାନରେ ଗାଡ଼ିଗୁଡ଼ିକ ଫସି ରହିଥିବାବେଳେ କେତେକ ସ୍ଥାନରେ ଘରେ ପାଣି ପଶିବାରୁ ଲୋକେ ହଟହଟା ହୋଇଥିଲେ। ଇସ୍କନ ମନ୍ଦିର ଅଞ୍ଚଳରେ ଜଟିଳ ପରିସ୍ଥିତି ଉପୁଜିଥିବାବେଳେ ତଳିଆ ଅଞ୍ଚଳର ସ୍ଥିତି ଆହୁରି ବିଗିଡିଯାଇଥିଲା। ସହରର ୧୧ ମୁଖ୍ୟ ନାଳକୁ ସଫା କରାଯିବା ସହ ଜଳମଗ୍ନ ସ୍ଥାନଗୁଡିକରେ ୨୭ ପାଣି ମୋଟର ପ୍ରସ୍ତୁତ ରଖାଯାଇଥିବା ବର୍ଷା ଋତୁ ଆରମ୍ଭରୁ ବିଏମ୍‌ସି ଅଧିକାରୀମାନେ ସଫେଇ ଦେଉଥିବାବେଳେ ସେମାନଙ୍କ ମିଛ ଧରାପଡିଯାଇଥିଲା।

ବିଏମ୍‌ସି ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ କହିଛନ୍ତି, ବର୍ତ୍ତମାନ ସହରର ମୁଖ୍ୟ ଡ୍ରେନ୍ କାମଗୁଡିକ ସରି ଗଲାଣି। ତେବେ କିଛି ପ୍ଲାନିଂର ସମସ୍ୟା ରହିଛି, ଯେଉଁଥିପାଇଁ କେତେକ ସ୍ଥାନରେ ବର୍ଷା ଛାଡିବା ପରେ ମଧ ପାଣି ଜମି ରହୁଛି। ଏହାର ସମାଧାନ କରିବାକୁ ହେଲେ ବଡ଼ ପ୍ଲାନିଂ ଦରକାର। ଏଥିପାଇଁ ଅଧିକ ସମୟ ଲାଗିବ ବୋଲି ଅତିରିକ୍ତ କମିଶନର କହିଛନ୍ତି।

### ଓଲଟିପଡ଼ିଲେ ସ୍କୁଟି ଆରୋହୀ

ବମିଖାଲ ଓଭରବ୍ରିଜର ଦୁଇ ପାର୍ଶ୍ୱ ରାସ୍ତାରେ ପାଣିର ସୁଅ ଚାଲିଥିଲା। ରାସ୍ତାରେ ରହିଥିବା ଖାଲ ପାଣି ଭିତରେ ରହିଥିବାରୁ ଲୋକେ ଜାଣିପାରି ନ ଥିଲେ। ଜଣେ ବ୍ୟକ୍ତି ସ୍କୁଟିରେ ଯାଉଥିବାବେଳେ ଉକ୍ତ ଖାଲରେ ଗାଡିଟି ପଶିଯିବାରୁ ସେ ଓଲଟି ପାଣିରେ ବୁଡିଯାଇଥିଲେ। ଉପସ୍ଥିତ ଜଣେ ବ୍ୟକ୍ତି ତାଙ୍କୁ ଉଦ୍ଧାର କରିଥିଲେ।







### ପାଣିରେ ଅଧା ବୁଡ଼ିଗଲା କାର୍

ଇସ୍କନ ମନ୍ଦିର ସମ୍ମୁଖ ରାସ୍ତାରେ ଅଣ୍ଟାଏ ଉଚ୍ଚର ପାଣି ଜମିଥିଲା। ସେହି ପାଣିରେ ଏକ କାର୍‌ଟି ଦୀର୍ଘ ସମୟ ଧରି ଫସି ରହିଥିଲା। ପାଣି ପଶିଯିବାରୁ ଷ୍ଟାର୍ଟ ବନ୍ଦ ହୋଇଯାଇଥିଲା। କାର୍‌ଟି ଅଧା ବୁଡ଼ି ରହିଥିବାବେଳେ ସେଥିରେ ଥିବା ଦମ୍ପତି ବାହାରୁ ବାହାରି ଠେଲୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା।

## ପଶିଲା ପାଣି, ଭାସିଗଲା ଘର

ନୟାପଲ୍ଲୀ ବେହେରା ସାହିରେ ଲୋକଙ୍କ ଘରେ ପାଣି ପଶିଯିବା ଫଳରେ ତଳିଆ ଅଞ୍ଚଳରେ ବସବାସ କରୁଥିବା ୬୦ରୁ ଊର୍ଦ୍ଧ୍ୱ ପରିବାର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏପରିକି ଡ୍ରେନ୍ କଡ଼ରେ ଥିବା ୪ଟି ପାଲଟଣା ଘର ପାଣିରେ ଭାସି ଯାଇଥିବା ଦେଖିବାକୁ ମିଳିଥିଲା। ଅପରପକ୍ଷରେ ସମ୍ ହସ୍ପିଟାଲ ନିକଟ ପଣ୍ଡା କୁଦିଆରି ବସ୍ତିର ୫୦ରୁ ଊର୍ଦ୍ଧ୍ୱ ଘରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଛି। ମହିଷିଖାଲ ଅଞ୍ଚଳରେ ରହୁଥିବା ଲୋକଙ୍କ ଘର ଭାଙ୍ଗି ଦିଆଯାଇଥିବାରୁ ପାଲତଳେ ମୁଣ୍ଡଗୁଞ୍ଜିଥିବା ପ୍ରାୟ ୨୨୦ରୁ ଊର୍ଦ୍ଧ୍ୱ ପରିବାର ବର୍ଷାରେ ହୀନସ୍ତା ହୋଇଛନ୍ତି। ସେହିପରି ଶାସ୍ତ୍ରୀନଗର, ନୟାପଲ୍ଲୀ, ଧିରିକୁଟି ବସ୍ତି, ଏକାମ୍ରଭିଲ୍ଲା, ସାଲିଆସାହି, ଭରତପୁର, ଜାଗମରା, ଓୟୁଏଟି ଭୋଇସାହି, ରବି ଟକିଜ, ସୁନ୍ଦରପଦା ଆଦି ଅଞ୍ଚଳର ଶହେରୁ ଊର୍ଦ୍ଧ୍ୱ ଘରେ ପାଣି ପଶି ରହିଥିବା ସୂଚନା ମିଳିଛି।

Indian Port Rail & Ropeway Corporation Ltd.
SAGARMALA
(A JV Company Under Ministry of Ports, Shipping & Waterways, Govt. of India)
TENDER NOTICE
Tender No IPRCL/BBS/T/PPT-TMW/1
Dated- 02.07.2021.
IPRCL invites e-tender for (i) Track linking work between the bot down line and the existing siding no.18-19 and siding 6 & 7 & (ii) Laying of crossover from load line no.2 to load line no.1 in the tippler yard & improvement on post tippling line including upgradation of the auto spring point from 90r to 52 kg of Paradip Port Trust.
Bidding document will be available for downloading from 03.07.2021 on the website www.etenders.gov.in/eprocure/app. Any corrigendum/addendum would be hosted on the above website only.



ବମିଖାଲ ଓଭରବ୍ରିଜ୍ ତଳ ରାସ୍ତାରେ ଜମିଥିବା ପାଣି।

## ଶଟ୍‌ଡାଉନ୍‌ରେ ବୁଲିଲେ ଜରିମାନା ସହ ବାଧ୍ୟତାମୂଳକ ଟେଷ୍ଟିଂ

ଭୁବନେଶ୍ୱର, ୪।୭ (ବ୍ୟୁରୋ)

ଶଟ୍‌ଡାଉନ୍‌ରେ ବାହାରେ ବୁଲୁଥିବା ଓ ମାସ୍କ ପିନ୍ଧି ନ ଥିବା ଲୋକଙ୍କଠାରୁ ଜରିମାନା ଆଦାୟ କରିବା ସହ ସେମାନଙ୍କ ଆଣ୍ଟିଜେନ୍ ଟେଷ୍ଟ କରାଯିବ। ବିଏମ୍‌ସି ନର୍ଥ ଜୋନ୍ ପକ୍ଷରୁ ରବିବାରଠାରୁ ଏଭଳି ଅଭିନବ ପଦକ୍ଷେପ ଆରମ୍ଭ ହୋଇଛି।

**ପ୍ରଥମ ଦିନରେ ୩ହଜାର ଜରିମାନା**

ପ୍ରଥମ ଦିନରେ ୩ଶହ ଜଣ ଅମାନିଆଙ୍କ ଟେଷ୍ଟ କରାଯାଇଥିବାବେଳେ ସମସ୍ତଙ୍କ ରିପୋର୍ଟ ନେଗେଟିଭ୍ ଆସିଥିଲା। ସେହିପରି ମାସ୍କ ପିନ୍ଧି ନ ଥିବା ଲୋକଙ୍କଠାରୁ ୩ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ବିଏମ୍‌ସି ଓ ବିଡିଏର ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ସହରର ବିଭିନ୍ନ ଅଞ୍ଚଳରେ ଚେକିଂ କରାଯାଇଥିଲା। ବାହାରେ ବୁଲୁଥିବା ଲୋକଙ୍କୁ ଶଟ୍‌ଡାଉନ୍ ପାସ୍ ମଗାଯାଇ ଥିଲା। ଯେଉଁମାନଙ୍କ ପାଖରେ ପାସ୍ ନ ଥିଲା ସେମାନଙ୍କର ବାଧ୍ୟତାମୂଳକ ଆଣ୍ଟିଜେନ୍ ଟେଷ୍ଟ କରାଯାଇଥିଲା। ଆଗକୁ ମଧ ଏହା ଜାରି ରହିବ ନର୍ଥଜୋନ୍‌ର ଜୋନାଲ୍ ଡେପୁଟି କମିଶନର ପୁରନ୍ଦର ନନ୍ଦ ସୂଚନା ଦେଇଛନ୍ତି।

## ଡିସିପିଙ୍କୁ ଓଏସ୍‌ସିପିସିଆର୍‌ଙ୍କ ରିପୋର୍ଟ ତଲବ

ଭୁବନେଶ୍ୱର,୪।୭(ବ୍ୟୁରୋ)

ରାଜଧାନୀରେ ଚା ଦୋକାନ ଖୋଲିଥିବା ଜଣେ ନାବାଳକଙ୍କୁ ପୋଲିସ ଗୋଇଠା ମାରିବା ସହ ଜିନିଷପତ୍ର ଲୁଟିନେବା ଘଟଣାରେ ରବିବାର ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍) ଭୁବନେଶ୍ୱର ଡିସିପିଙ୍କୁ ରିପୋର୍ଟ ତଲବ କରିଛନ୍ତି। ୭ଦିନ ମଧ୍ୟରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ କହିଛନ୍ତି, ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟ ଅନୁସାରେ ନାବାଳକଙ୍କୁ ମାଡ଼ ମାରିବା ଅଧିକାର କାହାର ନାହିଁ। ଏହି ସମ୍ବେଦନଶୀଳ ଘଟଣାର ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

**ନାବାଳକଙ୍କୁ ପୋଲିସର ଗୋଇଠା ମାଡ଼ ଘଟଣା**

ଅନ୍ୟପକ୍ଷରେ ଡିସିପି ଉମାଶଙ୍କର ଦାଶ କହିଛନ୍ତି, ଘଟଣା ଜଣାପଡ଼ିବା ପରେ ଗୋଇଠା ମାରିଥିବା ପିସିଆର୍ ଭ୍ୟାନ୍ ଡ୍ରାଇଭର ତଥା ହୋମଗାର୍ଡ ଅଜୟ କୁମାର ବିଶ୍ୱାଳଙ୍କୁ ତୁରନ୍ତ ନିଲମ୍ବିତ କରାଯାଇଥିଲା। ଏଥିସହିତ ଘଟଣା ସମୟରେ ସେଠାରେ ଉପସ୍ଥିତ ଥିବା ଅନ୍ୟ ଦୁଇଜଣ ପୋଲିସ କର୍ମଚାରୀଙ୍କ ବିରୋଧରେ ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି।

ସୂଚନା ଯୋଗ୍ୟ, ଶହୀଦନଗର ଥାନା ଅନ୍ତର୍ଗତ କେଶୁରା ଅଞ୍ଚଳରେ ମଙ୍ଗଳବାର ଅପରାହ୍ନ ପ୍ରାୟ ଗୋଟାଏ ସମୟରେ ଏକ ଚା' ଦୋକାନ ଖୋଲା ରହିଥିଲା। ଲକ୍‌ଡାଉନ ସମୟରେ ଦୋକାନ ଖୋଲା ଥିବା ଦେଖି ପିସିଆର ଭ୍ୟାନ୍‌ରେ ୩ଜଣ ପୋଲିସ କର୍ମଚାରୀ ସେଠାରେ ପହଞ୍ଚିଥିଲେ। ସେମାନେ ଦୋକାନ ଭିତରେ ପଶି କ୍ଷୀର, ବ୍ରେଡ୍ ଆଦି ବିଭିନ୍ନ ଜିନିଷ ବସ୍ତାରେ ପୂରାଇ ନେଇଯାଉଥିବା ସମୟରେ ଦୋକାନରେ ଥିବା ନାବାଳକ ଜଣକ ଏହାର ବିରୋଧ କରିଥିଲେ। ଏହି ସମୟରେ ହୋମଗାର୍ଡ ଅଜୟ ଉକ୍ତ ନାବାଳକଙ୍କୁ ନିସ୍ଥୁକ ଭାବେ ଗୋଇଠା ପରେ ଗୋଇଠା ମାରିଥିଲେ। ପରେ ଦୋକାନରୁ ଜିନିଷ ନେଇ ପଳାଇଥିଲେ। କରୋନା କଟକଣା ଆଳରେ ପୋଲିସର ଏଭଳି ଅମାନବୀୟ କାଣ୍ଡର ଭିଡିଓ ଭାଇରାଲ ହେବାପରେ ବିଭିନ୍ନ ମହଲରେ ନିନ୍ଦା କରାଯାଇଥିଲା। ପରେ ସମ୍ପୃକ୍ତ ହୋମଗାର୍ଡଙ୍କୁ ଡିସିପି ନିଲମ୍ବିତ କରିଥିଲେ।

## ଅର୍ଚ୍ଚିତା, ଦିବ୍ୟାଙ୍ଗନାଙ୍କୁ 'ବେବିସୂତ୍ର' ଟାଇଟଲ





ଭୁବନେଶ୍ୱର, ୪।୭(ବ୍ୟୁରୋ)

ଫ୍ୟାଶନ ରନ୍‌ୱେ ପକ୍ଷରୁ ଅନଲାଇନ୍ ମାଧ୍ୟମରେ ଆୟୋଜିତ ମଡ଼େଲ ତଥା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଓଡ଼ିଶାର ଦିବ୍ୟାଙ୍ଗନା ମିଶ୍ର ଓ ଅର୍ଚ୍ଚିତା ଦାସ ସମ୍ମାନଜନକ 'ବେବିସୂତ୍ର' ଟାଇଟଲ୍ ହାସଲ କରିଛନ୍ତି। ଏହି ଦୁଇ ପ୍ରତିଭା ଏବେ ଦୁବାଇ ଓ ମାଲେସିଆରେ ପ୍ରତିଭା ପ୍ରଦର୍ଶନର ସୁଯୋଗ ପାଇବେ। ବାରିପଦା ସହରର ୭ ବର୍ଷୀୟା ଦିବ୍ୟାଙ୍ଗନା ଓ ୯ ବର୍ଷୀୟା ଅର୍ଚ୍ଚିତା ପୂର୍ବରୁ 'ଟପ୍ ମଡ଼େଲ କଣ୍ଟେଷ୍ଟ-୨୦୨୧'ରେ ନିଜର ପ୍ରତିଭା ପ୍ରଦର୍ଶନ କରିଛନ୍ତି। ଓଡ଼ିଶା ଫ୍ୟାଶନ ଭିଲ୍ଲା ପକ୍ଷରୁ ଗତ ଜାନୁୟାରୀରେ ଭୁବନେଶ୍ୱରଠାରେ ଆୟୋଜିତ ପ୍ରତିଯୋଗିତାରେ ଯୋଗ୍ୟ ବିବେଚିତ ହେବା ପରେ ଏହି ଅନ୍ତର୍ଜାତୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ବ୍ଲୁ- ଫ୍ଲାଗ୍: ବିକଶିତ ହେବ ଆଉ ୫ ବେଳାଭୂମି

ଭୁବନେଶ୍ୱର,୪।୭(ବ୍ୟୁରୋ)

ଓଡ଼ିଶା ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ପର୍ଯ୍ୟଟନର ବିକାଶ ନିମନ୍ତେ ରାଜ୍ୟ ସରକାର ପ୍ରଚେଷ୍ଟା ଜାରି ରଖିଛନ୍ତି। ସରକାର ପୁରୀ ପରେ ଏବେ ଆଉ ୫ ବେଳାଭୂମିର ସୌନ୍ଦର୍ଯ୍ୟକରଣ କରି ବ୍ଲୁ-ଫ୍ଲାଗ୍ ମାନ୍ୟତା ଯୋଗ୍ୟ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୂଚନା ଦେଇଛନ୍ତି।

ଗତବର୍ଷ ଅକ୍ଟୋବର ୧୧ରେ ପୁରୀ ସ୍ୱର୍ଣ୍ଣିମ ବେଳାଭୂମିକୁ ବ୍ଲୁ-ଫ୍ଲାଗ୍ ମାନ୍ୟତା ମିଳିସାରିଥିବାବେଳେ ପର୍ଯ୍ୟଟନ କ୍ଷେତ୍ରକୁ ପ୍ରୋତ୍ସାହନ ଦେବା ପାଇଁ ଆଉ ୫ ବିଚ୍‌କୁ ବିଶ୍ୱସ୍ତରୀୟ କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ସେଗୁଡ଼ିକ ହେଲା, ଗଞ୍ଜାମ ଜିଲାର ପତି ସୋନାପୁର ଏବଂ ହରିପୁର, ପୁରୀ ଜିଲାର ନୀଳାଦ୍ରି, ମୁହାଣ ଏବଂ ପିର ଜାହାନିଆ। ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ପର୍ଯ୍ୟଟନ ବିଭାଗ ମିଳିତ ଭାବେ ଏହି ୫ ବେଳାଭୂମିର ବିକାଶ କରିବେ। ତେବେ ପୁରୀ ନୀଳାଦ୍ରି



**ପ୍ରତି ବିଚ୍ ପାଇଁ ଦେଢ଼ କୋଟି ଟଙ୍କା ମଞ୍ଜୁର**

ବେଳାଭୂମିର କାର୍ଯ୍ୟ ଶେଷ ହେବା ଉପରେ ଥିବାବେଳେ ଅନ୍ୟ ୪ ବିଚ୍‌ର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ। ପ୍ରତି ବିଚ୍ ନିମନ୍ତେ ଦେଢ଼ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ବେଳାଭୂମିରେ ଶୌଚାଳୟ, ବସିବା ପାଇଁ ସିମେଣ୍ଟ ଚେୟାର, ସୋଲାର ଲାଇଟିଂ ବ୍ୟବସ୍ଥା ଏବଂ ୱାଚ୍ ଟାୱାର ନିର୍ମାଣ କରାଯିବ। ତେବେ ବେଳାଭୂମି କୂଳରେ କୌଣସି ସ୍ଥାୟୀ ନିର୍ମାଣ କରାଯିବ ନାହିଁ।

## ଯେଉଁଠି ପ୍ରଥମ ଡୋଜ୍, ସେଇଠି ଦ୍ୱିତୀୟ ଡୋଜ୍

ଭୁବନେଶ୍ୱର, ୪।୭(ବ୍ୟୁରୋ)

କୋଭିଡ୍ ଟିକାର ପ୍ରଥମ ଡୋଜ୍ ନେଇଥିବା ଭୁବନେଶ୍ୱରର ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ଦ୍ୱିତୀୟ ଡୋଜ୍ ଦିଆଯିବ। ୱାକ୍ ଇନ୍ ଓ ଡ୍ରାଇଭ୍ ଇନ୍ କାର୍ଯ୍ୟକ୍ରମରେ ଏହି ଟିକାକରଣ କରାଯିବ ବୋଲି ବିଏମସି ପକ୍ଷରୁ ସୂଚନା ଦିଆଯାଇଛି। ହିତାଧିକାରୀମାନେ ଯେଉଁ ଟିକାକେନ୍ଦ୍ରରେ ପ୍ରଥମ ଡୋଜ୍ ନେଇଥିଲେ ସେହିଠାରେ ଦ୍ୱିତୀୟ ଡୋଜ୍ ନେଇପାରିବେ। ପୂର୍ବାହ୍ନ ୯ଟାରୁ ଦିନ ୧ଟା ମଧ୍ୟରେ ଏବଂ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୨ଟି ପର୍ଯ୍ୟାୟରେ ଟିକା ପ୍ରଦାନ କରାଯିବ। ଟିକା ପାଇଁ ପୂର୍ବରୁ ପଞ୍ଜୀକରଣ ବାଧ୍ୟତାମୂଳକ ନୁହେଁ। ଟିକାକେନ୍ଦ୍ରକୁ ପ୍ରଥମ ଡୋଜ୍‌ର ପ୍ରମାଣପତ୍ର ନେଇଯିବା ପାଇଁ ଅନୁରୋଧ କରାଯାଇଛି। ଯେଉଁମାନେ ପ୍ରଥମ ଡୋଜ୍‌ର ୨୯ତମ ଦିନରେ ଦ୍ୱିତୀୟ ଡୋଜ୍ ନେଇ ନାହାନ୍ତି ସେମାନେ ୨୯ରୁ ୪୨ ଦିନ ମଧ୍ୟରେ ନେଇପାରିବେ। ସେହିପରି ନିକଟବର୍ତ୍ତୀ ଟିକାକେନ୍ଦ୍ରରେ ଦ୍ୱିତୀୟ ଡୋଜ୍ ନେଇପାରିବେ। ସନ୍ଧ୍ୟା ୫ଟା ୩୦ରୁ ୬ଟା ମଧ୍ୟରେ ଉକ୍ତ ବ୍ୟକ୍ତି ଟିକା ନେଇପାରିବେ। ତେବେ ଟିକାକେନ୍ଦ୍ରରେ ଅନ୍ୟାନ୍ୟ କୋଭିଡ୍ ନିୟମର ଅନୁପାଳନ ପାଇଁ ନିର୍ଦ୍ଦେଶ ରହିଛି।

### ସିଲ୍ ହେଲା ଗ୍ରୀନ୍ ଚିଲିଜ୍

ଭୁବନେଶ୍ୱର, ୪।୭ (ବ୍ୟୁରୋ): କୋଭିଡ୍ ଗାଇଡ୍ ଲାଇନ୍ ଉଲ୍ଲଂଘନ ଅଭିଯୋଗରେ ରବିବାର ଗୋପବନ୍ଧୁ ନଗରସ୍ଥିତ ଗ୍ରୀନ୍ ଚିଲିଜ୍ ଫାଷ୍ଟଫୁଡ୍ ଦୋକାନକୁ ସିଲ୍ କରାଯାଇଛି। ଅଫ୍‌ଲାଇନ୍‌ରେ ଗ୍ରାହକଙ୍କୁ ଖାଦ୍ୟ ଦେଉଥିବାବେଳେ ଗହଳି ପରିଲକ୍ଷିତ ହୋଇଥିଲା। ଖବର ପାଇ ବିଏମ୍‌ସିର ଏନଫୋର୍ସମେଣ୍ଟ ଟିମ୍ ପହଞ୍ଚି ଏହି ପଦକ୍ଷେପ ନେଇଛି। ବିଏମ୍‌ସି ଅତିରିକ୍ତ କମିଶନର ଲିଲନ୍ ପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ଏହି ଚଢାଉ ହୋଇଥିଲା।

## ନିଖୋଜ ବ୍ୟକ୍ତିଙ୍କୁ ବିଶାଖାପାଟଣାରୁ ଉଦ୍ଧାର

ଭୁବନେଶ୍ୱର (ବ୍ୟୁରୋ) : ନିଖୋଜ ଥିବା ରସୁଲଗଡ଼ର ଶମ୍ଭୁ ପ୍ରସାଦ ଦାସଶର୍ମା (୪୬)ଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ବିଶାଖାପାଟଣାରୁ ଉଦ୍ଧାର କରିଛି। ଏନେଇ ଶମ୍ଭୁଙ୍କ ସ୍ତ୍ରୀ ସୁଜାତା ମହାପାତ୍ର କମିଶନରେଟ ପୋଲିସକୁ ଧନ୍ୟବାଦ ଦେଇଛନ୍ତି। ପାରିବାରିକ ବିବାଦକୁ ନେଇ ଶମ୍ଭୁ ଘରୁ ପଳାଇଥିଲେ। ସ୍ତ୍ରୀ ସୁଜାତା ଥାନାରେ ଅଭିଯୋଗ କରିଥିଲେ। ଶମ୍ଭୁ ଟ୍ରେନରେ ଚଢ଼ି ବିଶାଖାପାଟଣା ଚାଲିଯାଇଥିଲେ। ସେଠାରେ ଜଣେ ଅଟୋ ଚାଳକ ଶମ୍ଭୁଙ୍କ ସହ କଥା ହୋଇ ପରିବାର ଲୋକଙ୍କୁ ଫୋନ କରି ଜଣାଇଥିଲେ। ପରିବାର ଲୋକ ଥାନାରେ ଜଣାଇବା ପରେ ପୋଲିସ ବିଶାଖାପାଟଣା ଆର୍‌ପିଏଫ୍‌କୁ ଯୋଗଯୋଗ କରି ଶମ୍ଭୁଙ୍କୁ ଓଡିଶା ଆଣିଥିଲେ।

# ସଂକ୍ଷେପରେ

## ଘର ବୁଲି ସଚେତନ କଲେ ମହିଳା ସରପଞ୍ଚ

ଖୁଣ୍ଟୁଣୀ,୪।୭(ଡି.ଏନ୍.ଏ.): ଖୁଣ୍ଟୁଣୀ ଅଞ୍ଚଳରେ କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ସରପଞ୍ଚ ଫୁଲ ବେହେରା ପଞ୍ଚାୟତ କାର୍ଯ୍ୟନିର୍ବାହୀ ବିପିନ ଚନ୍ଦ୍ର ମନ୍ତ୍ରୀଙ୍କ ମାଧମରେ ଏକ କମିଟି ଗଠନ କରି ସମଗ୍ର ପଞ୍ଚାୟତରେ ଘର ଘର ବୁଲି ଲୋକଙ୍କୁ ସଚେତନ କରିଛନ୍ତି। ଅଯଥାରେ ବାହାରେ ନ ବୁଲିବା, ସବୁବେଳେ ମାସ୍କ ପିନ୍ଧିବା, ଗୋଟିଏ ଜାଗାରେ ଏକତ୍ର ନ ହେବା, ସାମାଜିକ ଦୂରତ୍ୱ ବଜାୟ ରଖିବା ଓ ଖାଇବା ପୂର୍ବରୁ ସାବୁନରେ ହାତ ଧୋଇବା, ସାନିଟାଇଜର ବ୍ୟବହାର କରିବା ଇତ୍ୟାଦି ପ୍ରତ୍ୟେକ ଲୋକଙ୍କୁ ବୁଝାଇ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ କର୍ମୀ ମମତା ସାହୁ, ସମସ୍ତ ଆଶା ଓ ଅଙ୍ଗନୱାଡି କର୍ମୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ୱାର୍ଡ ସଭ୍ୟମାନେ ସହଯୋଗ କରଥିଲେ ।

## ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ

ଫୁଲନଖରା,୪।୭(ଡି.ଏନ୍.ଏ.): କଟକ ସଦର ବ୍ଲକ ଆମଣ ପଞ୍ଚାୟତ ଅନ୍ତର୍ଗତ ଅଡାଳିଆ ଗ୍ରାମ ମହାବୀର ମନ୍ଦିର ପରିସରରେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ଅବସରରେ ଭାଜପା ଉରାଳି ମଣ୍ଡଳ ପକ୍ଷରୁ ସେବା ସପ୍ତାହ ଦିବସ ପାଳନ କରାଯାଇଥିଲା। ଉକ୍ତ ଦିବସରେ ବୃକ୍ଷ ରୋପଣ, ସ୍ୱଚ୍ଛ ଭାରତ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉରାଳି ମଣ୍ଡଳର ସଭାପତି ପ୍ରଦୀପ ବେହେରାଙ୍କ ନେତୃତ୍ୱରେ ରମାକାନ୍ତ ସେଠୀ, ମୃତ୍ୟୁଞ୍ଜୟ ପୃଷ୍ଟି, ଶରତ ଚନ୍ଦ୍ର ସାହୁ, ରଞ୍ଜିତ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ବ୍ୟଙ୍ଗ ପତ୍ରିକା ରସଗୁଲା ଉନ୍ମୋଚିତ

କଟକ ଅଫିସ, ୪।୭: ତ୍ରୟୋମାସିକ ହାସ୍ୟରସ ବ୍ୟଙ୍ଗ ପତ୍ରିକା 'ରସଗୁଲା'ର କରୋନା ସଚେତନଧର୍ମୀ ସ୍ୱତନ୍ତ୍ର ସଂସ୍କରଣ ରବିବାର ଉନ୍ମୋଚିତ ହୋଇଯାଇଛି। କାଫଲା ବଜାରସ୍ଥିତ ବ୍ୟଙ୍ଗକବି ଧର୍ମଛଡ଼ାଙ୍କ ବାସଭବନ ପରିସରରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପତ୍ରିକାର ସମ୍ପାଦକ ବାବାଜୀ ଚରଣ ଲେଙ୍କା, ପରିଚାଳନା ସମ୍ପାଦକ ବିଭୁ ପ୍ରସାଦ ନାୟକ (ବ୍ୟଙ୍ଗକବି ଧର୍ମଛଡ଼ା) ଏବଂ ଶାନ୍ତି ରାକେଶ ଉକ୍ତ ପତ୍ରିକାକୁ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ସହସମ୍ପାଦକ ସୁଧୀର ନାୟକ, ଗୀତାଞ୍ଜଳି ପୃଷ୍ଟି ଓ ପ୍ରମିଳା ପତି ଉପସ୍ଥିତ ଥିଲେ।

## ୧୦୯ ୟୁନିଟ୍ ରକ୍ତ ସଂଗ୍ରହ

ବାଙ୍କୀ,୪।୭(ସ୍ୱ.ପ୍ର.): ଡମପଡ଼ା ବ୍ଲକ ତାଳବସ୍ତ ପଞ୍ଚାୟତର ହାଇସ୍କୁଲ ପ୍ରାଙ୍ଗଣରେ ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଯୋଗଦେଇଥିଲେ। ଏହି ଅବସରରେ ୧୦୯ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଯୁବ ବିଜେଡି ସଭାପତି ରାଜକିଶୋର ମହାନ୍ତି ଓ ଛାତ୍ର ବିଜେଡି ସଭାପତି କିଶୋର ପ୍ରଧାନ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା।

## ଖବରକାଗଜ ବିତରକଙ୍କ ପରଲୋକ

ଭୁବନେଶ୍ୱର,୪।୭(ବ୍ୟୁରୋ): ଅଲ୍ ନ୍ୟୁଜ୍ ପେପର ସପ୍ଲାୟର୍ସ ସୋସିଆଲ ୱେଲ୍‌ଫେୟାର ଆସୋସିଏଶନର ଉପଦେଷ୍ଟା ତଥା ବରିଷ୍ଠ ଖବରକାଗଜ ବିତରକ ଗୌରାଙ୍ଗ ସାମଲ(୬୫)ଙ୍କ



ଚିକିତ୍ସାଧୀନ ଅବସ୍ଥାରେ ଶନିବାର ପରଲୋକ ଘଟିଛି। ସେ ଅସୁସ୍ଥତା ଅନୁଭବ କରିବାରୁ ଗତ ୧୦ଦିନ ତାଙ୍କୁ ଏମ୍‌ସରେ ଭର୍ତ୍ତି କରାଯାଇଥିଲା। ସତ୍ୟନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଗୌରାଙ୍ଗ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଦୀର୍ଘ ୨୫ବର୍ଷ ଧରି ଖବରକାଗଜ ବିକ୍ରି କରୁଥିଲେ। ସେ ଜଣେ ଦିବ୍ୟାଙ୍ଗ ହୋଇଥିଲେ ମଧ ନିଜର କର୍ତ୍ତବ୍ୟ ସୂଚାରୁରୂପେ ସମ୍ପାଦନ କରିବା ସହ ବିତରକ ଭାଇଙ୍କ ଉନ୍ନତି ପାଇଁ ବିଭିନ୍ନ ଖବରକାଗଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରୁଥିଲେ। ତାଙ୍କ ମୃତ୍ୟୁ ପାଇ ଆସୋସିଏଶନ ସଭାପତି ସଭାପତି ଅଭୟ କୁମାର ଯୋଗାଣିଆ, ଚନ୍ଦ୍ରଶେଖର ପେପର ପଏଣ୍ଟର ଭାସ୍କର ଚନ୍ଦ୍ର ସାହୁ, ନବ କିଶୋର ପରିଡ଼ା, ଅଜୟ ଜେନା, ବସନ୍ତ ଦାସ, ଅରୁଣ ଦେ, ସମ୍ପଦ ସାହୁ, ଶରତ ପରିଡ଼ା, ପି.କେ. ବେହେରା, ଶିବ ବେହେରା, ପ୍ରଫୁଲ୍ଲ ବାରିକ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି।

# ଏବେ ବି ୧୫ ପ୍ରତିଶତ ଛାତ୍ରୀଛାତ୍ର ବଞ୍ଚିତ

କଟକ ଅଫିସ, ୪।୭

କରୋନା ମହାମାରୀ ଯୋଗୁ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ବିଦ୍ୟାଳୟ ବନ୍ଦ ରହିଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ସମସ୍ୟା ସୃଷ୍ଟି ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ସରକାର ପ୍ରଥମଥର ଛାତ୍ରୀଛାତ୍ରଙ୍କ ପାଇଁ ଗତ ଜୁନ୍ ୨୧ରୁ ୟୁଟ୍ୟୁବ୍ ଲାଇଭ କ୍ଲାସ ବ୍ୟବସ୍ଥା କରିଛନ୍ତି। ଏହା ଏବେ ଛାତ୍ରୀଛାତ୍ରଙ୍କ ପାଠପଢ଼ାର ମାଧ୍ୟମ ସାଜିଛି। ଏହାଦ୍ୱାରା ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ଉପକୃତ ହେଉଛନ୍ତି। ହେଲେ ଏବେ ବି କଟକ ଜିଲାରେ ୧୫ ପ୍ରତିଶତ ଛାତ୍ରୀଛାତ୍ର ଏହି ସୁବିଧାରୁ ବଞ୍ଚିତ ହୋଇଛନ୍ତି। କେଉଁ ସ୍ଥାନରେ ଇଣ୍ଟରନେଟ୍ ଠିକ୍ ଭାବେ କାମ କରୁ ନ ଥିବାବେଳେ ଆଉ କାହାଘରେ ଗୋଟିଏ ସ୍ମାର୍ଟଫୋନ୍‌ରେ ଏକାଧିକ ଛାତ୍ରୀଛାତ୍ର ପାଠପଢ଼ିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ରେଭେନ୍‌ଶା କଲିଜିଏଟ୍ ସ୍କୁଲ ପରିସରରେ ଏକ ଷ୍ଟୁଡିଓ କରାଯାଇ ଲାଇଭ୍ କ୍ଲାସ୍ ସିଧାପ୍ରସାରଣ କରାଯାଉଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ପୂର୍ବାହ୍ନ ୯ରୁ ସାଢେ ୧୦ଟା ପର୍ଯ୍ୟନ୍ତ ପାଠପଢ଼ା ଯାଉଛି। ସେହିପରି ନବମରୁ ଦଶମ ପିଲାମାନଙ୍କର କ୍ଲାସ୍ ୧୦.୪୫ରୁ ଆରମ୍ଭ ହୋଇ ଅପରାହ୍ନ ୧ଟାରେ ଶେଷ ହେଉଛି। ଏହି ୟୁଟ୍ୟୁବ୍

### ୟୁଟ୍ୟୁବ୍ ଲାଇଭ୍ କ୍ଲାସ୍

ଲାଇଭ୍ କ୍ଲାସ୍‌ରେ ପ୍ରଥମରୁ ତୃତୀୟ ଶ୍ରେଣୀର ପିଲାଙ୍କୁ ସାହିତ୍ୟ, ଗଣିତ ପଢାଯାଉଥିବାବେଳେ ଚତୁର୍ଥ, ପଞ୍ଚମ, ଷଷ୍ଠ, ସପ୍ତମ, ଅଷ୍ଟମ ଶ୍ରେଣୀ ପିଲାଙ୍କୁ ସାହିତ୍ୟ, ଗଣିତ, ଇଂଲିଶ, ନବମ ଶ୍ରେଣୀ ପିଲାଙ୍କୁ ସାହିତ୍ୟ, ଇଂଲିଶ, ବିଜ୍ଞାନ ଓ ଦଶମ ଶ୍ରେଣୀର ପିଲାଙ୍କୁ ସବୁ ବିଷୟ ପଢାଯାଉଛି। ଏଥିସହ ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ ମଧ୍ଯ, ଦୀକ୍ଷା, ଶିକ୍ଷାସଂଯୋଗ ଆପ୍ ମାଧ୍ୟମରେ ଶିକ୍ଷାଦାନ କରାଯାଉଛି। ଏ ସମ୍ପର୍କରେ କଟକ ଜିଲା ଶିକ୍ଷାଧିକାରୀ କୃଷ୍ଣ ନାୟକ କହିଛନ୍ତି, ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଜିଲାରେ ମୋଟ୍ ୨୪୯୭ ସରକାରୀ ବିଦ୍ୟାଳୟ ରହିଛି। ଜିଲାରେ ମୋଟ୍ ୨ ଲକ୍ଷ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସେଥିମଧ୍ୟରୁ ୮୦ରୁ ୯୦ ହଜାର ପିଲା ୟୁଟ୍ୟୁବ୍ ଲାଇଭ୍ କ୍ଲାସ କରିପାରୁଛନ୍ତି। ସେହିପରି ଅନେକ ପିଲା ୟୁଟ୍ୟୁବ୍‌ରେ ଥିବା ରେକର୍ଡିଂରୁ ପଢୁଛନ୍ତି। ଯେଉଁମାନଙ୍କ ପାଖରେ ସ୍ମାର୍ଟଫୋନ୍ ନାହିଁ ସେମାନଙ୍କ ମଧ୍ୟରୁ କିଛି ପିଲା ଟିଭି ଓ ରେଡିଓରୁ ଶିକ୍ଷାଗ୍ରହଣ କରୁଛନ୍ତି। ମାତ୍ର କେତେକ ଅଞ୍ଚଳରେ ଇଣ୍ଟରନେଟ୍ ସେବା ବାଧାପ୍ରାପ୍ତ ହେଉଥିବାରୁ ୧୦ରୁ ୧୫ ପ୍ରତିଶତ ଛାତ୍ରୀଛାତ୍ର ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି।

### ସରକାରଙ୍କ ଏହି ବ୍ୟବସ୍ଥାକୁ ସ୍ୱାଗତ



ସରକାରଙ୍କ ଏହି ନୂତନ କାର୍ଯ୍ୟଶୈଳୀକୁ ସ୍ୱାଗତ କରୁଛି। ଏହାଦ୍ୱାରା ପିଲାମାନେ ଉପକୃତ ହୋଇପାରୁଛନ୍ତି। ଯେଉଁ ପିଲାମାନେ ଗ୍ରୁପ୍ କ୍ଲାସ କରିପାରୁ ନ ଥିଲେ ସେମାନେ ଲାଇଭ୍ କ୍ଲାସ୍ ମାଧ୍ୟମରେ ସବୁ ତଥ୍ୟ ପାଇପାରୁଛନ୍ତି।

-ଅମରେଶ କୁମାର ମହଲା, ପ୍ରଧାନ ଶିକ୍ଷକ, ମ୍ୟୁନିସିପାଲ ସରକାରୀ ବିଦ୍ୟାଳୟ, ଯୋବ୍ରା

### ଇଣ୍ଟରନେଟ୍ ଅଭାବରୁ ଗ୍ରାମାଞ୍ଚଳ ପିଲା ବଞ୍ଚିତ



କରେନା ସମୟରେ ଶିକ୍ଷା ଜଗତକୁ ବଞ୍ଚାଇବା ପାଇଁ ସରକାରଙ୍କର ଏହା ଏକ ଅଭିନବ ପ୍ରୟାସ। ଏହା ମାଧ୍ୟମରେ ସହରରେ ଥିବା ପିଲାମାନେ ଠିକ୍ ଭାବରେ କ୍ଲାସ୍ କରିପାରୁଥିବା ବେଳେ ଗ୍ରାମାଞ୍ଚଳରେ ଥିବା ପିଲାମାନେ ଇଣ୍ଟରନେଟ୍ ଅଭାବରୁ ଲାଇଭ୍ କ୍ଲାସ କରିପାରୁ ନାହାନ୍ତି ।

- ମହେଶ୍ୱର ଦାସ, ଶିକ୍ଷକ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୂଆପଡ଼ା

### ବିନା ମୂଲ୍ୟରେ ପାଉଛୁ ସମସ୍ତ ତଥ୍ୟ



ୟୁଟ୍ୟୁବ୍ ଲାଇଭ୍ କ୍ଲାସ ମାଧ୍ୟମରେ ମୁଁ ବିନା ମୂଲ୍ୟରେ ସବୁ ବିଷୟରେ ଶିକ୍ଷା ଅର୍ଜନ କରିପାରୁଛି। ସରକାରଙ୍କ କରୋନା ସମୟରେ ଛାତ୍ରୀଛାତ୍ରଙ୍କ ପ୍ରତି ଥିବା ଉଦାର ମନୋଭାବକୁ ମୁଁ ସ୍ୱାଗତ ଜଣାଉଛି । ଶିକ୍ଷକମାନେ ମଧ ସ୍କୁଲରେ ପଢ଼ାଇଲା ଭଳି ବୁଝାଉଛନ୍ତି।

-ଶୁଭଶ୍ରୀ ପ୍ରଧାନ, ଛାତ୍ରୀ

### ଲାଇଭ୍ କ୍ଲାସ୍ ଜରିଆରେ ଦ୍ୱନ୍ଦ୍ୱ ଦୂର ହୋଇଛି



ସରକାର ଆଣିଥିବା ନୂତନ ଶିକ୍ଷା ପଦ୍ଧତି ମାଧ୍ୟମରେ ଅତି ସହଜରେ ପିଲାମାନେ ସବୁ ବିଷୟର ତଥ୍ୟ ୟୁଟ୍ୟୁବ୍ କ୍ଲାସ ମାଧ୍ୟମରେ ପାଇପାରୁଛନ୍ତି। ଏହା ଦ୍ୱାରା ପିଲାମାନେ ବିଶେଷ ଭାବରେ ଉପକୃତ ହୋଇପାରିବେ।

- ଗେହ୍ଲି ପ୍ରଧାନ, ଅଭିଭାବକ

### ଶ୍ରେଣୀଗୃହରେ ବୁଝିଲା ଭଳି ସୁବିଧା ନାହିଁ



ଏହି ଲାଇଭ୍ କ୍ଲାସ ଦ୍ୱାରା ଆମେ ଉପକୃତ ହୋଇପାରୁଛୁ। ରାଜ୍ୟ ସରକାର ଆମମାନଙ୍କ ପାଇଁ ଶିକ୍ଷାକୁ ଯେଉଁଭଳି ଭାବେ ଉନ୍ନତୀକରଣ କରୁଛନ୍ତି ସେଥିପାଇଁ ମୁଁ ଧନ୍ୟବାଦ ଜଣାଉଛି। କିନ୍ତୁ ଶ୍ରେଣୀ ଗୃହରେ ଯେପରି ଗୋଟିଏ ବିଷୟରେ ବୁଝି ନ ପାରିଲେ ଶିକ୍ଷକ ପାଖକୁ ଆସି ବୁଝାଇ ଦେଉଥିଲେ ଏହି ଲାଇଭ୍ କ୍ଲାସ୍‌ରେ ସେ ସୁବିଧା ହୋଇପାରୁ ନାହିଁ।

-ପ୍ରିୟବ୍ରତ ଦାସ, ଛାତ୍ର

### ଏକାସଙ୍ଗେ କ୍ଲାସ୍ କରିବା ସମ୍ଭବ ନୁହେଁ



ମୁଁ ଏବଂ ମୋର ବଡ଼ ଓ ସାନ ଭଉଣୀ ଅନ୍‌ଲାଇନ୍‌ରେ ପାଠପଢୁଛୁ । ଗୋଟିଏ ମୋବାଇଲରେ ମୋ ବଡ ଭଉଣୀ(ଦଶମ) କ୍ଲାସ କରୁଥିବା ବେଳେ ଅନ୍ୟ ଏକ ମୋବାଇଲରେ ବାପା ତାଙ୍କର ଦୈନନ୍ଦିନ କାର୍ଯ୍ୟ କରୁଛନ୍ତି। ତେଣୁ ଏକାସଙ୍ଗେ ୩ଜଣ ଲାଇଭ୍ କ୍ଲାସ କରିବା ସମ୍ଭବ ହୋଇପାରୁନାହିଁ। ଏଥିସହ ନେଟ୍ ମଧ ସ୍ଲୋ ରହୁଛି । ଫଳରେ ଆମେ ଲାଇଭ୍ କ୍ଲାସ ସୁଚାରୁରୂପେ କରିପାରୁ ନାହୁଁ ।

-ସ୍ମରଣିକା ପାତ୍ର, ଛାତ୍ରୀ



କଟକ ଯୋବ୍ରା ଆନିକଟଠାରେ ବିପଦସଙ୍କୁଳ ଅବସ୍ଥାରେ ଯୁବକମାନେ ବନିଶିରେ ମାଛ ଧରୁଛନ୍ତି।

## ୧୫୦୦ ଚାରାରୋପଣ

ଫୁଲନଖରା,୪।୭(ଡି.ଏନ୍.ଏ.)

କଟକ ସଦର ବ୍ଲକ ଉରାଳୀ ପଞ୍ଚାୟତ ଅନ୍ତର୍ଗତ ସିଡୁଆ ନଦୀ ପଠାରେ ହିନ୍ଦସ୍ଥାନ ହେଲ୍‌ପିଂ ହ୍ୟାଣ୍ଡ ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳନ କରାଯାଇଛି। ଏହି ଉତ୍ସବରେ ୧୫୦୦ରୁ ଅଧିକ ଚାରାରୋପଣ କରାଯାଇଥିଲା। ବିଶିଷ୍ଟ ଶିକ୍ଷାବିତ୍ ଡ. ଶରତ ରଥ ଯୋଗଦେଇ ଏହି କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ'ର ସମ୍ପାଦକ ସନ୍ନ୍ୟାସୀ ଜୀ ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ବାସୁଦେବ ପାତ୍ରଙ୍କ ଅଧକ୍ଷତାରେ ବୃକ୍ଷ ପ୍ରେମୀ ପ୍ରଭାସ ମଙ୍ଗରାଜ, କାନନବିହାରୀ ନାୟକ, ପ୍ରକାଶ ଚନ୍ଦ୍ର ନାୟକ, ଜୟ ପ୍ରକାଶ ଦଣ୍ଡପାଟ, ସତ୍ୟ ନାରାୟଣ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

## ବନ ମହୋତ୍ସବ ସପ୍ତାହ ପାଳିତ

ବାଙ୍କୀ,୪।୭(ସ୍ୱ.ପ୍ର.)

ବାଙ୍କୀ ଅଗ୍ନିଶମ ବିଭାଗ ପକ୍ଷରୁ ରବିବାର କାର୍ଯ୍ୟାଳୟ ପ୍ରାଙ୍ଗଣରେ ୭୨ତମ ବନ ମହୋତ୍ସବ ସପ୍ତାହ ପାଳନ ହୋଇଯାଇଛି। ଏଥିରେ ବାଙ୍କୀ ବନବିଭାଗ ଫରେଷ୍ଟର ଚିତ୍ତରଞ୍ଜନ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ବାଡ଼ିରେ ବୃକ୍ଷ ରୋପଣ କରିବା ଆବଶ୍ୟକ ବୋଲି କହିଥିଲେ। ଅଗ୍ନିଶମ ବିଭାଗ ମୁଖ୍ୟ ପ୍ରଫୁଲ୍ଲ ଓଝାଙ୍କ ତତ୍ତ୍ୱାବଧାନରେ ୧୦ ଚାରା ରୋପଣ କରାଯାଇଥିଲା। ହାବିଲଦାର ଅଭିରାମ ପଣ୍ଡା ଓ ପ୍ରଭାକର ରଥ ପ୍ରମୁଖ ସହାୟତା କରିଥିଲେ।

# ଚିକିତ୍ସା ଲାଗି ଶିବଙ୍କୁ ମିଳିଲା ସହାୟତା

କଟକ ଅଫିସ, ୪।୬

- ହାତ ବଢ଼ାଇଲା ଓଡ଼ିଶା ମୋ ପରିବାର
- ଯକୃତଜନିତ ରୋଗରେ ପୀଡ଼ିତ ଥାଇ କଷ୍ଟ ପାଉଛନ୍ତି

ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୟଳପଡା ପଞ୍ଚାୟତ ଡିଅ ସାହିର ମାନସ ବାରିକଙ୍କ ଦୁଇବର୍ଷର ଶିଶୁପୁତ୍ର ଶିବଶଙ୍କର ଦୀର୍ଘ ଦୁଇବର୍ଷ ହେଲା ଯକୃତଜନିତ ରୋଗରେ ପୀଡ଼ିତ। ଆର୍ଥିକ ଦୁରବସ୍ଥା ଯୋଗୁ ଶିବଙ୍କର ଅଧିକ ଚିକିତ୍ସା ନେଇ ପରିବାର ଲୋକେ ଭାଙ୍ଗିପଡ଼ିଥିଲେ। ଶିବ କଟକ ଏସ୍‌ସିବି ମେଡିକାଲର ଯକୃତ ବିଭାଗରେ ଚିକିତ୍ସିତ ହୋଇଆସୁଥିଲେ। ସେବେଠାରୁ ତାଙ୍କ ଚିକିତ୍ସା ଖର୍ଚ୍ଚ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ବହନ କରିବା ସହ ଡାକ୍ତରଙ୍କ ସହିତ ଆଲୋଚନା ଜାରି ରଖିଥିଲେ। ଶିବଙ୍କୁ ଦିଲ୍ଲୀର ଏକ ହସ୍ପିଟାଲକୁ ନେବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ସମେତ ବିଭିନ୍ନ ବ୍ୟକ୍ତିବିଶେଷ ଏବଂ ଅନୁଷ୍ଠାନ ସହଯୋଗରେ ମୋଟ ୨ଲକ୍ଷ ଟଙ୍କା ସଂଗ୍ରହ କରାଯାଇ ମାନସଙ୍କୁ ପ୍ରଦାନ କରାଯାଇଛି। ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ୨ବର୍ଷ ପୂର୍ବରୁ ସହାୟତା ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଆବଶ୍ୟକ କାଗଜପତ୍ର ଦାଖଲ କରିଥିଲେ। ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ ଏବଂ ଓଡ଼ିଶା ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକଙ୍କ ସହଯୋଗରେ ରବିବାର ଉକ୍ତ ଶିଶୁକୁ ଚିକିତ୍ସା ପାଇଁ ଟ୍ରେନ ଯୋଗେ ଦିଲ୍ଲୀ ପଠାଯାଇଛି। ଓଡ଼ିଶା ଷ୍ଟେଟ ଟ୍ରିଟ୍‌ମେଣ୍ଟ ଫଣ୍ଡରୁ ୫ଲକ୍ଷ ଟଙ୍କାର ଅର୍ଥ ରାଶି ଯୋଗାଇ ଦିଆଯିବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସ୍ୱୀକୃତି ମିଳିଛି।

# ଥାନା ଆଗରେ ମୃତଦେହ ରଖି ଧାରଣା

ବାଲିପାଟଣା,୪।୭(ଡି.ଏନ୍.ଏ.)

ବାଲିପାଟଣା ଥାନା ବାରିଲୋ ଗ୍ରାମର ଜଣେ ଯୁବକ ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ହେଲେ ଏହି ଗ୍ରାମର ପ୍ରଶାନ୍ତ ଭୋଇ। ଉପଯୁକ୍ତ ନ୍ୟାୟ ନ ମିଳିବାରୁ ପ୍ରଶାନ୍ତ ଆତ୍ମହତ୍ୟା କରିଛି ବୋଲି ତାଙ୍କ ବାପା କୃଷ୍ଣଚନ୍ଦ୍ର ଭୋଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ମୃତକଙ୍କ ପରିବାରକୁ ଉପଯୁକ୍ତ ନ୍ୟାୟ ଦାବିରେ ରବିବାର ଗ୍ରାମବାସୀ ମୃତଦେହ ଥାନା ଆଗରେ ରଖି ଧାରଣା ଦେଇଥିଲେ। ସୂଚନା ମୁତାବକ, ପ୍ରଶାନ୍ତଙ୍କ ୫ବର୍ଷ ପୂର୍ବେ ବିବାହ ହୋଇଥିଲା। ତାଙ୍କର ୩ବର୍ଷର ପୁଅ ଅଛି। ତେବେ ତାଙ୍କ ସ୍ତ୍ରୀଙ୍କ ଏହି ଗ୍ରାମର ଜଣେ ଯୁବକଙ୍କ ସହିତ ସମ୍ପର୍କ ଥିବା ନେଇ



ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

ପ୍ରଶାନ୍ତ ବାଲିପାଟଣା ଥାନାର ଦ୍ୱାରସ୍ଥ ହୋଇଥିଲେ। ତଦନ୍ତକାରୀ ଅଧିକାରୀ ସ୍ୱାମୀ-ସ୍ତ୍ରୀଙ୍କୁ ଆପୋସ ବୁଝାମଣା କରି ଛାଡିଥିଲେ। ମାତ୍ର ଏଥିରେ ପ୍ରଶାନ୍ତ ରାଜି ହୋଇ ନ ଥିଲେ। ପ୍ରଶାନ୍ତ ଶନିବାର ବିଷ ପିଇବାରୁ ତାଙ୍କୁ ପ୍ରଥମେ ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ କ୍ୟାପିଟାଲ ହସ୍ପିଟାଲ ଓ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ରବିବାର ପୂର୍ବାହ୍ନ ୧୦ଟାରେ ତାଙ୍କ ମୃତ୍ୟୁ ହୋଇଥିଲା। ତଦନ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଏଥିରେ ସମ୍ପୃକ୍ତ ଥିବା ଯୁବକଙ୍କୁ ଗିରଫ ଦାବିରେ ଗ୍ରାମବାସୀ ଥାନା ଆଗରେ ମୃତଦେହ ରଖି ଧାରଣା ଦେଇଥିଲେ। ଥାନା ଅଧିକାରୀ କୃପାସିନ୍ଧୁ ବରାଡ଼ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହିତ ସମ୍ପୃକ୍ତ ତଦନ୍ତକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମନୋଜ



@ ସଞ୍ଜୀବ



@ ସୈଖ



@ ସିଦ୍ଧାର୍ଥ



@ ରଞ୍ଜନ



@ ବିଶ୍ୱଭୂଷଣ



@ ରାଜ୍

## ଅନିଶ୍ଚିତତା ମଧ୍ୟରେ ତାଳଦଣ୍ଡା କେନାଲରେ ଜଳପ୍ରବାହ

କଟକ ସଦର,୪।୭(ଡି.ଏନ.ଏ.)

୨୦୨୦ ନଭେମ୍ବରରୁ ୨୦୨୧ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଯୋବ୍ରା ଆନିକଟରୁ ତାଳଦଣ୍ଡା ମୁଖ୍ୟ କେନାଲକୁ ଜଳପ୍ରବାହ ବନ୍ଦ କରିଦିଆଯାଇଥିଲା। ଏହି ସମୟସୀମା ପୂରଣ ହୋଇଯାଇଥିଲେ ସୁଦ୍ଧା କେବେ ଜଳପ୍ରବାହ କରାଯିବ ତାହାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। କାରଣ ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାଣୀହାଟ, ବିରିବାଟୀ ପୋଲ ନିର୍ମାଣ କାମ ଅଧାପନ୍ତରିଆ ହୋଇରହିଛି। କେନାଲରେ ମାଟି, ବର୍ଜ୍ୟବସ୍ତୁ, ନିର୍ମାଣ ସାମଗ୍ରୀ ଜମା ହୋଇଛି। ଏହାଛଡା କେନାଲର ରାଣୀହାଟ ପୋଲରୁ ଗଡିରାଉତପାଟଣା ମଧ୍ୟରେ କଳିକତି ଦଳ ଜମାହେବାରେ ଲାଗିଲାଣି। ଏହି ଦଳକୁ ତଳମୁଣ୍ଡକୁ ଖଲାସ କରା ନ ଗଲେ ଆବଶ୍ୟକ ୨୮୦୦ କ୍ୟୁସେକ୍ ପାଣି ଛାଡିବା ସମ୍ଭବ ନୁହେଁ। ଏଥିସହ ଶାଖା କେନାଲଗୁଡ଼ିକ ସଫା ହୋଇ ନ ଥିବାରୁ ତଳି ପକାଇ ଚାଷୀମାନେ ହତାଶ ହୋଇପଡିଛନ୍ତି। ଏ ନେଇ ମହାନଦୀ ସାଉଥ ଜଳସେଚନ ଡିଭିଜନର ନିର୍ବାହୀଯନ୍ତ୍ରୀ ରାଜେଶ ମହାନ୍ତି ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀଯନ୍ତ୍ରୀଙ୍କ ପାଖକୁ ଚିଠି ଲେଖିଛନ୍ତି।

## ଚାରଣ ଗୋଷ୍ଠୀ ପକ୍ଷରୁ ଶ୍ରୀଜଗନ୍ନାଥ କଥାମୃତ

କଟକ ଅଫିସ, ୪।୭

ପୁରୀ ଚାରଣ ଗୋଷ୍ଠୀ କଟକ ମଣ୍ଡଳ ପକ୍ଷରୁ ରବିବାର ୱେବିନାର ମାଧ୍ୟମରେ ଉପଦେଷ୍ଟା ଡ. ପ୍ରଭୁଚରଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଶ୍ରୀଜଗନ୍ନାଥ କଥାମୃତ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ସାମାଜିକ କର୍ମୀ ଡ. ଶ୍ରୀକାନ୍ତ ମିଶ୍ର ଯୋଗଦେଇ ଶ୍ରୀଜଗନ୍ନାଥ ଭାବ କଥା ପ୍ରବଚନ ମାଧ୍ୟମରେ କହିଥିଲେ। ସେହିପରି ସଂସ୍କୃତି ଗବେଷକ ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ ପ୍ରବଚନ ଦେଇ ଜଗନ୍ନାଥଙ୍କ ମାନବ ଲୀଳା ବର୍ଣ୍ଣନା ଦେଇଥିଲେ। ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠାନ ପକ୍ଷରୁ ବାବାଜୀ ସତ୍ୟାନନ୍ଦଙ୍କୁ ଶ୍ରୀଜଗନ୍ନାଥ ସେବାରତ୍ନ ସମ୍ମାନ-୨୦୨୧ ପ୍ରଦାନ କରାଯାଇଥିଲା। ଲିଙ୍ଗରାଜ ପତି, ଇଂ. ଅମ୍ବିକା ପ୍ରସାଦ ମହାନ୍ତି ତରଣୀସେନ ଲେଙ୍କା, ହୃଷୀକେଶ ବେହେରା, ପ୍ରକାଶ ଚନ୍ଦ୍ର ପାଣି, ବାମଦେବ ବରାଳ ଏବଂ ପ୍ରସନ୍ନ ବେଉରା ପ୍ରମୁଖ ସହଯୋଗ କରିଥିଲେ।

**କଣାସରେ ପଜିଟିଭ ସଂଖ୍ୟା ୧୧୫୨**

କଣାସ,(ସ୍ୱ.ପ୍ର.): କଣାସ ବ୍ଲକରେ ରବିବାର ୭ଜଣ ନୂତନ କରୋନା ପଜିଟିଭ ଚିହ୍ନଟ ହୋଇଥିବା କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ସୂଚନା ମିଳିଛି। ଫଳରେ ନୂତନ ସଂକ୍ରମିତଙ୍କୁ ମିଶାଇ ବ୍ଲକରେ ମୋଟ ପଜିଟିଭ ସଂଖ୍ୟା ୧୧୫୨ରେ ପହଞ୍ଚିଥିବାବେଳେ ୧୦୧୨ଜଣ ସୁସ୍ଥ ହୋଇଛନ୍ତି। କରୋନାରେ ଆକ୍ରାନ୍ତ ଥିବା ୯ଜଣ ମୃତ୍ୟୁବରଣ କରିଛନ୍ତି। ଅନ୍ୟପଟେ ୧୧ଜଣ ପଜିଟିଭ ରୋଗୀ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଘରେ ୧୨୦ଜଣ ପଜିଟିଭ ରୋଗୀ ଚିକିତ୍ସିତ ହେଉଛନ୍ତି।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୦୪।୦୭।୨୦୨୧
୨୧୬୦ ଟଙ୍କା

# ଚକା ଉପରକୁ ବିଜେ କଲେ ମହାପ୍ରଭୁ

ପୁରୀ ଅଫିସ,୪।୭

ଅଣସର ପିଣ୍ଡିରେ ମହାପ୍ରଭୁଙ୍କ ସେବା ଚାଲିଛି। ରବିବାର ଦଶମୀ ତିଥି ତଥା ଅଣସରର ଏକାଦଶତମ ଦିବସରେ ମହାପ୍ରଭୁଙ୍କ ଚକାବିଜେ ନୀତି ଅନୁଷ୍ଠିତ ହୋଇଛି। ରାଜବୈଦ୍ୟ ଦଶମୂଳ ପ୍ରସ୍ତୁତ କରି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଲାଗିକରିଛନ୍ତି। ଏହାପରେ ମହାପ୍ରଭୁଙ୍କ ଜ୍ୱର କଷ୍ଟ କେତେକାଂଶରେ ଲାଘବ ହେବ। ମହାପ୍ରଭୁ ଚକା ଉପକୁ ବିଜେ କରିବେ। ବିଜେ ପରେ ମହାପ୍ରଭୁ ଦଶମୂଳ ସେବନ କରିବେ। ଏହାପରେ ସମ୍ପୂର୍ଣ୍ଣ ସୁସ୍ଥ ହେବ। ଦ୍ୱାଦଶୀ ଦିନ ଏହି ଖବର ଗଜପତି ମହାରାଜଙ୍କୁ ଜଣାଯିବ। ମଧ୍ୟାହ୍ନ ଧୂପ ପରେ ବେହରଣ ଦ୍ୱାର ସରିବ ଓ ଚକାବିଜେ ନୀତି ଆରମ୍ଭ ହେବ ବୋଲି ବରିଷ୍ଠ ଦଇତାପତି ବିନାୟକ ଦାସମହାପାତ୍ର କହିଛନ୍ତି। ଏକାଦଶୀ ଦିନ ଦଶମୂଳ



ଦଶମୂଳ ଔଷଧ ନେଇ ରାଜବୈଦ୍ୟ ଶ୍ରୀମନ୍ଦିର ଗାରଦକୁ ଯାଉଛନ୍ତି।

ମୋଦକ ମହାପ୍ରଭୁଙ୍କ ନିକଟରେ ସମର୍ପଣ ହେବ। ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିର ରାଜବୈଦ୍ୟମାନେ ଏହାକୁ ପ୍ରସ୍ତୁତ କରିଥାନ୍ତି। ଏହି ମହୌଷଧି ପ୍ରସ୍ତୁତ ନିମନ୍ତେ ଶାଳପର୍ଣ୍ଣି, ଗମ୍ଭାରୀ, ଫଣଫଣା, କୃଷ୍ଣପର୍ଣ୍ଣି, ଅଗବଥୁ, ବେଲ, ଅଙ୍କରାନ୍ତି, ଗୋଖରା, ଲବିଂ କୋଳି ଓ ନବାଙ୍କୁରୀକୁ ପ୍ରଥମେ ଶୁଖାଯାଇଥାଏ। ପରେ କଟାଯାଇ ଗୁଣ୍ଡ କରାଯାଏ। ଏହି ଗୁଣ୍ଡକୁ ଗାମୁଛାରେ ଛାଣି ଚୁଲିରେ ଖୁଆ, ଶର୍କରା, ସର, ମହୁ, ଘିଅ, ଭାଙ୍ଗ ଆଦି ପକାଯାଇ ପାଗ କରାଯିବା ପରେ କଦଳୀପତ୍ରରେ ରଖି ଥଣ୍ଡା କରାଯାଏ।

### ଆଜି ସେବନ କରିବେ ଦଶମୂଳ

ଏହାପରେ ଏହାକୁ ଗୋଲାକାର ମୋଦକ କରି ତିନୋଟି କୁଣ୍ଡୁଆରେ ରଖାଯାଏ। କର୍ପୂର ଦେଇ ତାଳପତ୍ର ଭୋଗେଇରେ ରଖି ଶ୍ରୀମନ୍ଦିର ଗାରଦରେ ଦାଖଲ କରାଯାଏ। ରାଜବୈଦ୍ୟ ଦୁର୍ଗାପ୍ରସାଦ ପାଣିଗ୍ରାହୀ ଏହି ମହୌଷଧି ପ୍ରସ୍ତୁତ କରି ଗାରଦରେ ଦାଖଲ କରିଥିବା କହିଛନ୍ତି। ପବିତ୍ର ଏକାଦଶୀ ତିଥିରେ ବିଳମ୍ବିତ ରାତ୍ରରେ ଶ୍ରୀମନ୍ଦିର ବୈଦ୍ୟଙ୍କ ପରାମର୍ଶ କ୍ରମେ ପତିମହାପାତ୍ର ସେବକ ଏହାକୁ ଲାଗିକରିବେ। ଏହାପରେ ଖଡ଼ିଲାଗି ଓ ସର୍ବାଙ୍ଗ ନୀତି ଅନୁଷ୍ଠିତ ହେବ। ଉଲ୍ଲେଖଯୋଗ୍ୟ, ପଞ୍ଚମୀ ତିଥିରେ ଫୁଲୁରୀ ତେଲ ଲାଗି ପରେ ଷଷ୍ଠୀ, ସପ୍ତମୀ, ଅଷ୍ଟମୀ ଓ ନବମୀ ତିଥିରେ ଓଷ ଲାଗି ହୋଇସାରିଛି।



ପୁରୀ ମାର୍କଣ୍ଡେଶ୍ୱର ସାହିର ବିଶ୍ୱରୂପା ପଟ୍ଟନାୟକଙ୍କ ଦ୍ୱାରା ଅଙ୍କିତ ଅଣସରରେ ପୂଜା ପାଉଥିବା ପଟି ଦିଅଁଙ୍କ ଚିତ୍ର।

**ରଥଖଳାରୁ**

## ରଥଚକାରେ ଅଙ୍କାଯାଉଛି ପଦ୍ମପାଖୁଡ଼ା ଚିତ୍ର



ପୁରୀ ଅଫିସ,୪।୭

ତିନି ରଥ ପ୍ରଭାରେ ରୂପ ଖୋଦେଇ କାର୍ଯ୍ୟ ଶେଷ ହୋଇଛି। ଏଥିସହ ବେଦିପାର୍ଶ୍ୱ ପଟା ତଳେ ହଂସପଟା ବାଡ଼ିଆ ମଧ୍ୟ ସରିଛି। ନନ୍ଦିଘୋଷ ରଥର ବିଜେ ଚକା ନିର୍ମାଣ ଶେଷ ହୋଇଛି। ରବିବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅଧୀକ୍ଷଣ ଯନ୍ତ୍ରୀ ଟିମ୍ ସହ ତିନି ରଥର ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ସେ ମୁଖ୍ୟ ମହାରଣାମାନଙ୍କ ସହ ଆଲୋଚନା କରିଛନ୍ତି। ଅନ୍ୟପକ୍ଷରେ ଚିତ୍ରକର ସେବକମାନେ ରବିବାର ତିନି ରଥ ପ୍ରଭାରେ ରଙ୍ଗ ଦେବା ଆରମ୍ଭ କରିବା ସହ ରଥ ଚକରେ ପଦ୍ମପାଖୁଡ଼ା ଚିତ୍ର ଅଙ୍କନ ଜାରି ରଖିଛନ୍ତି। ଦୋଳବେଦିସ୍ଥିତ କମାରଶାଳରେ କମାର ସେବକମାନେ ଘୋଡ଼ା କ୍ଲାମ୍ପ ନିର୍ମାଣ ସାରି ଯୋଗାଇଛନ୍ତି। ଦରଜି ସେବକ ତିନି ରଥର ବେଢ଼ା ପାଇଁ କନା କଟିଂ ପରେ ଲେସ୍ କାର୍ଯ୍ୟ ଜାରି ରଖିଛନ୍ତି। ରବିବାର ରଥଖଳାରେ ସମୁଦାୟ ୧୯୭ ଜଣ ସେବକ ନିୟୋଜିତ ଥିଲେ।

**ସଂକ୍ଷେପରେ**

## କରୋନା ଆକ୍ରାନ୍ତଙ୍କ ମୃତ୍ୟୁ

ଅସ୍ତରଙ୍ଗ,୪।୭(ଡି.ଏନ୍.ଏ.): ଅସ୍ତରଙ୍ଗ ବ୍ଲକ ଖଣ୍ଡାସାହି ନିକଟସ୍ଥ ବାଉରିଆକଣ ଗ୍ରାମର ସର୍ବେଶ୍ୱର (୫୭)ଙ୍କ ପରଲୋକ ଘଟିଛି। ସେ କିଛିଦିନ ହେବ କରୋନାରେ ସଂକ୍ରମିତ ହୋଇ ଚିକିତ୍ସିତ ହେଉଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ନେଇ ପରିବାର ଲୋକେ କହିଛନ୍ତି। ପ୍ରଥମେ ସର୍ବେଶ୍ୱର କରୋନା ପଜିଟିଭ ଚିହ୍ନଟ ହେବା ପରେ କାକଟପୁର କୋଭିଡ୍ ସେଣ୍ଟରରେ ଚିକିତ୍ସିତ ହେଉଥିଲେ। ଅବସ୍ଥା ଗୁରୁତର ହେବାରୁ ପୁରୀ କୋଭିଡ୍ ମେଡିକାଲର ଆଇସିୟୁରେ ଭର୍ତ୍ତି ହୋଇଥିଲେ। ସେଠାରେ ମଧ ସ୍ୱାସ୍ଥ୍ୟରେ ଉନ୍ନତି ନ ହେବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଏକ ମାସ ଧରି ସେଠାରେ ଚିକିତ୍ସିତ ହେଉଥିଲେ ମଧ ଶେଷରେ ପ୍ରାଣ ହରାଇଥିଲେ। ଏପରି କି ପରିବାରବର୍ଗ ମଧ ଶେଷ ଦର୍ଶନ ମଧ କରିପାରିଲେ ନାହିଁ। ଘରେ ଦୁଇ ଝିଅ ଓ ଗୋଟିଏ ପୁଅ ଓ ସ୍ତ୍ରୀ ଥିବାବେଳେ ସ୍ୱାମୀଙ୍କୁ ହରାଇ ମ୍ରିୟମାଣ ହୋଇପଡ଼ିଛନ୍ତି। ସର୍ବେଶ୍ୱର ପରିବାର ଗରିବ ହୋଇଥିବାରୁ ତାଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ହରିଶ୍ଚନ୍ଦ୍ର ଯୋଜନାରୁ ଉପଭୋକ୍ତା ବଞ୍ଚିତ

କାକଟପୁର,୪।୭(ଡି.ଏନ୍.ଏ.):କାକଟପୁର ବ୍ଲକରେ ହରିଶ୍ଚନ୍ଦ୍ର ଯୋଜନର ସୁଫଳ ପାଇବାରୁ ଉପଭୋକ୍ତାମାନେ ବଞ୍ଚିତ ହେଉଛନ୍ତି। ସରକାର ଯୋଜନାରେ ସ୍ୱଚ୍ଛତା ରଖିବା ପାଇଁ ଅନ୍‌ଲାଇନରେ ଉପଭୋକ୍ତାମାନଙ୍କୁ ପଞ୍ଚାୟତ ସ୍ତରରେ କମ୍ପ୍ୟୁଟର ବ୍ୟବସ୍ଥା କରି ଜିଆର୍‌ଏସ୍‌ମାନେ ପଞ୍ଜୀକୃତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଦୀର୍ଘ ଦିନ ବିତିଯାଇଥିଲେ ମଧ ଏହି ନିର୍ଦ୍ଦେଶର ଅବମାନନା ହେଉଛି। ଫଳରେ କାକଟପୁରର ଉପଭୋକ୍ତାମାନେ ଏହି ଯୋଜନାରୁ ବଞ୍ଚିତ ରହିଛନ୍ତି। ଏ ନେଇ ବ୍ଲକ ଗ୍ରାମପଞ୍ଚାୟତ ଅଧିକାରୀ ସୁବ୍ରତ ପରିଡା କହିଛନ୍ତି, କୋଭିଡ୍ କଟକଣାରେ ଅତ୍ୟଧିକ କାର୍ଯ୍ୟବ୍ୟସ୍ତତା ଯୋଗୁ ଓ କେତେଜଣ ଜିଆର୍‌ଏସ ସିଷ୍ଟମ ଅପଲୋଡ୍ କରିବା ବାବଦରେ ଅନଭିଜ୍ଞ ଥିବାରୁ ଉପଭୋକ୍ତାଙ୍କ ପାଖରେ ଯୋଜନାର ସୁଫଳ ପହଞ୍ଚି ପାରିନାହିଁ। ଆମେ ୧/୨ ଦିନ ମଧ୍ୟରେ ବୈଠକ କରି ଜିଆର୍‌ଏସ୍‌ମାନଙ୍କୁ ସିଷ୍ଟମ ବାବଦରେ ଧାରଣା ଦେଇ ବାକିଆ ପଡ଼ିଥିବା ଯୋଜନାର କାମ ଅଗ୍ରାଧିକାର ଭିତ୍ତିରେ ସାରିବୁ। ଅନ୍ୟପଟେ ବିଡିଓ ତୁରନ୍ତ ପଦକ୍ଷେପ ନେବାକୁ ଉପଭୋକ୍ତାମାନେ ଦାବି କରିଛନ୍ତି।

## ବ୍ଲୁ-ଫ୍ଲାଗ୍: ବିକଶିତ ହେବ ଆଉ ୫ ବେଳାଭୂମି

**ପ୍ରତି ବିଚ୍ ପାଇଁ ଦେଢ଼ କୋଟି ଟଙ୍କା ମଞ୍ଜୁର**

ଭୁବନେଶ୍ୱର,୪।୭(ବ୍ୟୁରୋ)

ଓଡ଼ିଶା ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ପର୍ଯ୍ୟଟନର ବିକାଶ ପାଇଁ ରାଜ୍ୟ ସରକାର ପ୍ରଚେଷ୍ଟା ଜାରି ରଖିଛନ୍ତି। ସରକାର ପୁରୀ ପରେ ଏବେ ଆଉ ୫ ବେଳାଭୂମିର ସୌନ୍ଦର୍ଯ୍ୟକରଣ କରି ବ୍ଲୁ-ଫ୍ଲାଗ୍ ମାନ୍ୟତା ଯୋଗ୍ୟ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୂଚନା ଦେଇଛନ୍ତି। ଗତବର୍ଷ ଅକ୍ଟୋବର ୧୧ରେ ପୁରୀ ସ୍ୱର୍ଣ୍ଣିମ ବେଳାଭୂମିକୁ ବ୍ଲୁ-ଫ୍ଲାଗ୍ ମାନ୍ୟତା ମିଳିସାରିଥିବାବେଳେ ପର୍ଯ୍ୟଟନ କ୍ଷେତ୍ରକୁ ପ୍ରୋତ୍ସାହନ ଦେବା ପାଇଁ ଆଉ ୫ ବିଚ୍‌କୁ ବିଶ୍ୱସ୍ତରୀୟ କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ସେଗୁଡ଼ିକ ହେଲା, ଗଞ୍ଜାମ ଜିଲାର ପତି ସୋନାପୁର ଓ ହରିପୁର, ପୁରୀ ଜିଲାର ନୀଳାଦ୍ରି, ମୁହାଣ ଏବଂ ପିର ଜାହାନିଆ। ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ପର୍ଯ୍ୟଟନ ବିଭାଗ ମିଳିତ ଭାବେ ଏହି ୫ ବେଳାଭୂମିର ବିକାଶ କରିବେ। ତେବେ ପୁରୀ ନୀଳାଦ୍ରି ବେଳାଭୂମିର କାର୍ଯ୍ୟ ଶେଷ ହେବା ଉପରେ ଥିବାବେଳେ ଅନ୍ୟ ୪ ବିଚ୍‌ର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ। ପ୍ରତି ବିଚ୍ ନିମନ୍ତେ ଦେଢ଼ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ବେଳାଭୂମିରେ ଶୌଚାଳୟ, ସିମେଣ୍ଟ ଚେୟାର, ସୋଲାର ଲାଇଟିଂ ବ୍ୟବସ୍ଥା ଏବଂ ୱାଚ୍ ଟାୱାର ନିର୍ମାଣ କରାଯିବ। ବେଳାଭୂମି କୂଳରେ କୌଣସି ସ୍ଥାୟୀ ନିର୍ମାଣ ହେବ ନାହିଁ।

## ଚିଟ୍‌ଫଣ୍ଡ ଅଭିଯୁକ୍ତ କଏଦୀଙ୍କ ମୃତ୍ୟୁ

ଭୁବନେଶ୍ୱର,୪।୭(ବ୍ୟୁରୋ)

ରମେଲ୍ ଚିଟ୍‌ଫଣ୍ଡ ଠକେଇ ମାମଲାରେ ଗିରଫ ହୋଇ ଝାରପଡ଼ା ସ୍ୱତନ୍ତ୍ର ଜେଲ୍‌ରେ ଥିବା ଜଣେ ବିଚାରାଧୀନ କଏଦୀଙ୍କ ରବିବାର ମୃତ୍ୟୁ ଘଟିଛି। ସେ ହେଲେ କୋଲକାତାର ରମେନ୍ଦ୍ର ମୋହନ ସରକାର। ୨୦୧୬ ଅଗଷ୍ଟ ୨୨ରେ ରମେନ୍ଦ୍ରଙ୍କୁ ସିବିଆଇ ଗିରଫ କରିଥିଲା। ଦୀର୍ଘଦିନ ହେବ ତାଙ୍କର ସ୍ୱାସ୍ଥ୍ୟ ଖରାପ ଥିଲା। ଉଚ୍ଚ ରକ୍ତ ଚାପ ସମେତ ବିଭିନ୍ନ ରୋଗରେ ସେ ପୀଡିତ ଥିଲେ। ରବିବାର ଅସୁସ୍ଥତା କାରଣରୁ ରମେନ୍ଦ୍ର ତଳେ ପଡ଼ିଯିବାରୁ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା।

## ମାନସିକବିକାରଗ୍ରସ୍ତ ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ

କାକଟପୁର,୪।୭(ଡି.ଏନ୍.ଏ.)

କାକଟପୁର ଥାନା ଅନ୍ତର୍ଗତ ଓସ୍ତପୁର ଗ୍ରାମରେ ଜଣେ ବୃଦ୍ଧଙ୍କୁ ରବିବାର ମଧ୍ୟାହ୍ନରେ କେହି ଦୁର୍ବୃତ୍ତ ଏକ ଲୁହାରଡ୍‌ରେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। କେତେଜଣ ଯୁବକ ରକ୍ତାକ୍ତ ଅବସ୍ଥାରେ ବୃଦ୍ଧ ପଡ଼ିଥିବା ଦେଖି ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଖବରପାଇ ପୋଲିସ ପହଞ୍ଚି ତଦନ୍ତ କରୁଥିବାବେଳେ ସ୍ଥାନୀୟ ବଣ ଭିତରେ ପଡ଼ିଥିବା ଏକ ଲୁହାରଡ୍ ଜବତ କରିଛି। ଉଦ୍ଧାର କରିଥିବା ଯୁବକମାନଙ୍କ ତରଫରୁ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ ହୋଇଛି। ତେବେ ବୃଦ୍ଧଙ୍କୁ କିଏ ଏବଂ କେଉଁ କାରଣରୁ ଆକ୍ରମଣ କରିଛି, ସେନେଇ ପୋଲିସ ଖୋଳତାଡ଼ କରୁଛି। ବୃଦ୍ଧ ଜଣକ ଅଣଓଡ଼ିଆ ସହ ମାନସିକ ବିକାରଗ୍ରସ୍ତ ଥିବାବେଳେ କିଛିଦିନ ହେବ ସ୍ଥାନୀୟ ଅଞ୍ଚଳରେ ବୁଲୁଥିବା ଲୋକେ କହିଛନ୍ତି।

Indian Port Rail & Ropeway Corporation Ltd. SAGARMALA
(A JV Company Under Ministry of Ports, Shipping & Waterways, Govt. of India)
TENDER NOTICE
Tender No IPRCL/BBS/T/PPT-TMW/1
Dated- 02.07.2021.
IPRCL invites e-tender for (i) Track linking work between the bot down line and the existing siding no.18-19 and siding 6 & 7 & (ii) Laying of crossover from load line no.2 to load line no.1 in the tippler yard & improvement on post tippling line including upgradation of the auto spring point from 90r to 52 kg of Paradip Port Trust.
Bidding document will be available for downloading from 03.07.2021 on the website www.etenders.gov.in/eprocure/app. Any corrigendum/addendum would be hosted on the above website only.



ରଥଯାତ୍ରା ପାଇଁ ରବିବାର ଚିତ୍ରକର ସେବକ ରଥର ଶିଖର ଡମ୍ବରୁରେ ରଙ୍ଗ ଦେଉଛନ୍ତି।

## ଉନ୍ନୟନମୂଳକ କାର୍ଯ୍ୟରେ ଅର୍ଥ ହରିଲୁଟ୍

କାକଟପୁର,୪।୭(ଡି.ଏନ୍.ଏ.)

କାକଟପୁର ବ୍ଲକ ଅଧୀନ ଲତାହରଣ, ନାସିକେଶର ଓ ସୁହାଣପୁର ପଞ୍ଚାୟତରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ ସିଏଫ୍‌ସି ଓ ଏସଏଫ୍‌ସି ଅନୁଦାନ ଅର୍ଥରେ ହେଉଥିବା କାର୍ଯ୍ୟଗୁଡ଼ିକ ନିମ୍ନମାନର ବୋଲି ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି। ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଚଞ୍ଚକତା କରାଯାଇ ଲକ୍ଷାଧିକ ଟଙ୍କା ଆତ୍ମସାତ ହୋଇଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପ୍ରଦାନ କରାଯାଇଥିବା କାର୍ଯ୍ୟାଦେଶଗୁଡ଼ିକର କ୍ରମିକ ନଂ, କାର୍ଯ୍ୟପାଇଁ ଧାର୍ଯ୍ୟ ସମୟସୀମା, ଅନୁମୋଦିତ ହୋଇଥିବା ଗ୍ରାମସଭାର ତାରିଖ ଏପରିକି କିଛି ବି ତଥ୍ୟ ଠିକ ଭାବେ ଫଳକରେ ଉଲ୍ଲେଖ କରାଯାଉନାହିଁ। ଏପରିକି ଗୋଟିଏ ଲେଖାଏ ଉନ୍ନୟନମୂଳକ କାର୍ଯ୍ୟକୁ ଭିନ୍ନ ଭିନ୍ନ ନାମ ଦର୍ଶାଇ ଏକାଧିକ ଥର ବିଲ୍ କରାଯାଇଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଏଥିପ୍ରତି ପଞ୍ଚାୟତିରାଜ ମନ୍ତ୍ରୀ, ବିଭାଗୀୟ ସଚିବ, ୫-ଟି ସଚିବ ଓ ଜିଲାପାଳ ଦୃଷ୍ଟି ଦେବା ସହ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ପ୍ରାଚୀ ନଦୀରେ ବ୍ୟାରେଜ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ

ନିମାପଡ଼ା,୪।୭(ଡି.ଏନ୍.ଏ.)

ନିମାପଡ଼ା ଜଳସମ୍ପଦ ବିଭାଗ ଡିଭିଜନ ଅନ୍ତର୍ଗତ କାକଟପୁର ସବ୍‌ଡିଭିଜନର କାକଟପୁର ମା' ମଙ୍ଗଳା ମନ୍ଦିର ନିକଟରେ ୨୦କୋଟି ଟଙ୍କା ବ୍ୟୟରେ ପ୍ରାଚୀ ନଦୀ ଉପରେ ଏକ ନୂତନ ବ୍ୟାରେଜ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଛି। ଏହି ବ୍ୟାରେଜ ନିର୍ମାଣ ହେବା ଦ୍ୱାରା କାକଟପୁରରେ ବର୍ଷା ଓ ବନ୍ୟାଜଳ ପ୍ରବେଶ କରିପାରିବ ନାହିଁ। ଏଥିସହ ଚାଷକ୍ଷେତ୍ରରେ ଚାଷୀମାନେ ବହୁତ ଉପକୃତ ହୋଇପାରିବେ ବୋଲି ନିମାପଡ଼ା ଜଳସମ୍ପଦ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଶଶିଭୂଷଣ ମିଶ୍ର କହିଛନ୍ତି। ଅନ୍ୟପକ୍ଷେ ଦେବୀ ନଦୀର ଦକ୍ଷିଣପାର୍ଶ୍ୱ ୧୭କି.ମି. ନଦୀବନ୍ଧର ସୁଦୃଢ଼ୀକରଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଏହି କାର୍ଯ୍ୟ ସମ୍ପନ୍ନ ହେଲେ ବନ୍ୟାଦାଉରୁ ଦେବୀ ନଦୀର ତଟବର୍ତ୍ତୀ ଅଞ୍ଚଳର ଲୋକେ ରକ୍ଷାପାଇପାରିବେ। ମୁଖ୍ୟ କଥା ହେଲା ସହନ-ବଳଭଦ୍ରପୁରରେ ସାଢ଼େ ୭କିମି, କୁହୁଡି-ପଇଚଳିଆ ୩କିମି, ଉକୁଳେଇ-ଅସ୍ତରଙ୍ଗ ଅଢ଼େଇ କିମି, ଝାଡ଼ଲିଙ୍ଗ-ବେଲଙ୍ଗରେ ୨୨କିମି ବିଶିଷ୍ଟ ଲୁଣାଘେରି ବନ୍ଧର ସୁଦୃଢ଼ୀକରଣ କାର୍ଯ୍ୟ ଚାଲିଛି। ଏହି ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ତ୍ୱରାନ୍ୱିତ ହେବ ବୋଲି ନିର୍ବାହୀଯନ୍ତ୍ରୀ ଶଶିଭୂଷଣ ମିଶ୍ର ସୂଚନା ଦେଇଛନ୍ତି। ନିର୍ମିତ ହେଉଥିବା ଲୁଣା ଘେରିବନ୍ଧରେ ୩୪ଟି ସ୍ଲୁଇସ୍ ଗେଟ୍ ଜଳସମ୍ପଦ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିବାବେଳେ ଘେରିବନ୍ଧ ଉପରେ ଗମନାଗମନ ପାଇଁ ପକ୍କା ସଡ଼କର ନିର୍ମାଣ କାର୍ଯ୍ୟ ମଧ ଚାଲିଛି। ଏହି କାର୍ଯ୍ୟ ଖୁବ୍‌ଶୀଘ୍ର ସମ୍ପନ୍ନ ହେବ ବୋଲି ନିର୍ବାହୀ ଯନ୍ତ୍ରୀ ମିଶ୍ର କହିଛନ୍ତି।



ଝାଡ଼ଲିଙ୍ଗ-ବେଲଙ୍ଗଠାରେ ନିର୍ମାଣ ହୋଇଥିବା ଲୁଣା ଘେରିବନ୍ଧ।

# ଘରୁ ଦର୍ଶନ କରିବାର ଅଧିକାର କେହି ଛଡ଼ାଇ ନେଇପାରିବେନି

ପୁରୀ ଅଫିସ, ୪।୭

ପୁରୀ ଘୋଷଯାତ୍ରା ବେଳେ ସହରବାସୀ ନିଜ ଘର ଓ ବାଲକୋନିରେ ରଥଯାତ୍ରା ଦେଖିବା ଉପରେ ପ୍ରଶାସନ କଟକଣା ଜାରି କରିଛି। ଏହାକୁ ନେଇ ପୁରୀ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି କଟକଣା ଅସାମ୍ବିଧାନିକ ତଥା ରାଇଟ୍ ଟୁ ଲୁକ୍ ଆଟ୍ (ଦେଖିବାର ଅଧିକାର)ର ପରିପନ୍ଥୀ ବୋଲି ଆଇନଜୀବୀ ଓ ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି। ନିଜ ଘରେ ଚଳପ୍ରଚଳ କରିବା ଓ ଦେଖିବାର ଅଧିକାର କେହି ଛଡ଼ାଇ ନେଇପାରିବେ ନାହିଁ ବୋଲି ସେମାନେ କହିଛନ୍ତି। ପ୍ରଶାସନର ଏଭଳି ନିଷ୍ପତ୍ତିକୁ ପୁରୀ ସହରବାସୀ କଡ଼ା ସମାଲୋଚନା କରୁଥିବା ବେଳେ ଅନ୍ୟ ପଟେ ପ୍ରଶାସନ ନିଜ ସଫେଇ ଦେବାରେ ବ୍ୟସ୍ତ। କରୋନା ଗାଇଡ୍‌ଲାଇନ୍ ଦୃଷ୍ଟିରୁ ଗହଳି ରୋକିବା ନିମନ୍ତେ ଏଭଳି କଡ଼ା ପଦକ୍ଷେପ ନିଆଯାଉଥିବା ଏସ୍‌ପି କନୱର ବିଶାଳ ସିଂ ଏବଂ ଜିଲାପାଳ ସମର୍ଥ ବର୍ମା ନିଜ ପ୍ରତିକ୍ରିୟାରେ ପୂର୍ବରୁ କହିସାରିଛନ୍ତି।

### 'ଏଭଳି ନିଷ୍ପତ୍ତି ଅସାମ୍ବିଧାନିକ'



ପ୍ରଶାସନ କୌଣସି ଅଶ୍ଳୀଳ ଭିଡିଓ ଦେଖିବାକୁ ମନା କରିପାରିବ। ମାତ୍ର ଘରେ ରହି ଦାଣ୍ଡକୁ ଚାହିଁବାର ଅଧିକାର କିଭଳି ଛଡ଼ାଇ ନିଆଯିବ। ନିଜ ଘରେ ଚଳପ୍ରଚଳ କରିବା ଓ ଦେଖିବାର ଅଧିକାର କେହି ଛଡ଼ାଇ ନେଇପାରିବେ ନାହିଁ। ତେବେ ପୁରୀ ସହରବାସୀ ନିଜ ଘର ଛାତ ଉପରେ ରଥଯାତ୍ରା ଦେଖିବା ଉପରେ ପ୍ରଶାସନ ରୋକ ଲଗାଇବା ନିଷ୍ପତ୍ତି ପାଇଁ ଆଶ୍ଚର୍ଯ୍ୟ ଲାଗୁଛି। ପ୍ରଶାସନର ଏଭଳି ନିଷ୍ପତ୍ତି ଅସାମ୍ବିଧାନିକ। ଛାତ ଉପର ଓ ବାଲକୋନିକୁ ଯିବାକୁ କାହାରି ଅନୁମତି ନେବାକୁ ପଡ଼ିବ ଏକଥା ବିଶ୍ୱାସ କରିହେଉନି। ଏଭଳି ସ୍ଥିତିକୁ ଗଣତନ୍ତ୍ରରେ ସବୁଠାରୁ ଖରାପ ସ୍ଥିତି ବୋଲି ବିଚାର କରାଯାଇପାରିବ।

– ପ୍ରଶାନ୍ତ କୁମାର ମିଶ୍ର, ବରିଷ୍ଠ ଆଇନଜୀବୀ

### 'ଛାତକୁ ଆସିବାକୁ ଅନୁମତି ଦିଆଯିବ ନାହିଁ କାହିଁକି'



ଘରେ ପରିବାର ସଦସ୍ୟ ଏକାଠି ରହୁଛନ୍ତି। ଏଣୁ କଟକଣା ଭାଙ୍ଗିବାର ପ୍ରଶ୍ନ ଉଠୁଛି କାହିଁକି। ତା'ଛଡା ପ୍ରଶାସନ ବଡଦାଣ୍ଡ ସହ ସଂଶ୍ଳିଷ୍ଟ ୨୩୦ ଘର ସର୍ଭେ କରିଥିବା କହୁଛି। ସେଠାରେ କେତେ ଲୋକ ରହୁଛନ୍ତି ସେ ସଂକ୍ରାନ୍ତ ତଥ୍ୟ ପ୍ରଶାସନ ପାଖରେ ଥିବ। କଟକଣା ଲାଗିବା ପରେ ପୋଲିସର ବିନା ଅନୁମତିରେ କାହାରି ଘରକୁ ବାହାର ଲୋକ ମଧ ଆସିବା ସମ୍ଭବ ନୁହେଁ। ତେବେ ବଡ଼ଦାଣ୍ଡ ଅଞ୍ଚଳରେ ରହୁଥିବା ଲୋକଙ୍କୁ ଛାତକୁ ଆସିବାକୁ ଅନୁମତି ଦିଆଯିବ ନାହିଁ କାହିଁକି ବୋଲି ମହାନ୍ତି ପ୍ରଶ୍ନ କରିଛନ୍ତି।

– ବିଶ୍ୱଜିତ୍ ମହାନ୍ତି, ସୂଚନା ଅଧିକାର କର୍ମୀ

### 'ଲୋକେ ଘରେ ରହି ବାହାରକୁ ଦେଖିବେ ନାହିଁ'



ପୁରୀ ସହରବାସୀ ଘରେ ରହି ବାହାରକୁ ଦେଖି ପାରିବେ ନାହିଁ। ଏଭଳି ଆଇନ କିଭଳି ଭାବେ ଯଥାର୍ଥ ତାହା ମୋତେ ବୁଝାପଡୁନାହିଁ। ବ୍ୟକ୍ତିଗତ ସମ୍ପତ୍ତି ଭିତରେ କଟକଣା ରହିବ କିଭଳି। କଟକଣା ବେଳେ ଘରୋଇ ସମ୍ପତ୍ତି ମଧ୍ୟକୁ ପ୍ରବେଶ ମନା କରିବା କଥା ଗ୍ରହଣୀୟ। ମାତ୍ର ମୁଁ ମୋ ନିଜ ଘରେ ଚଳପ୍ରଚଳ କରିବା ପାଇଁ ଛାତ ଓ ବାଲକୋନିକୁ ଯିବା ଲାଗି ଅନ୍ୟର ଅନୁମତି ନେବାକୁ ଉଚିତ୍ ମନେ କରିବି ନାହିଁ। ସେହିଭଳି ୧୪୪ ଧାରାରେ ୨ ଜଣରୁ ଅଧିକ ଲୋକ ଏକାଠି ହୋଇପାରିବେ ନାହିଁ। ମାତ୍ର ଜଣଙ୍କ ଘର ଭିତରେ ପ୍ରଶାସନ କଟକଣା ଲଗାଇପାରିବ ନାହିଁ।

– ପ୍ରିୟଦର୍ଶନ ପଟ୍ଟନାୟକ, ଆଇନଜୀବୀ

## ପ୍ରଶାସନର ନିଷ୍ପତ୍ତି ନେଇ ସାଧାରଣରେ ଅସନ୍ତୋଷ

### 'ହିଟଲର ଶାସନ ଭଳି ମନେ ହେଉଛି'



ମୋ ଘର ଉପରେ ମୋର ଅଧିକାର ରହିଛି। ଧରିନିଅନ୍ତୁ ମୋର କିଛି ବ୍ୟକ୍ତିଗତ କାର୍ଯ୍ୟରେ ମୋତେ ଛାତ କିମ୍ବା ବାଲକୋନିକୁ ଯିବାର ଥିବ, ତେବେ ମୁଁ ଯିବି ନାହିଁ କାହିଁକି। ପ୍ରଶାସନର ଏଭଳି ନିଷ୍ପତ୍ତି ଏକ ପ୍ରକାର ହିଟଲର ଶାସନ। ମୋତେ ମୋରି ଘରେ ଚଳପ୍ରଚଳ କରିବାକୁ ମନା କରାଯାଉଛି। ଏହାଠାରୁ ବଡ଼ ଦୁର୍ଭାଗ୍ୟଜନକ କଥା କିଛି ନ ଥାଇପାରେ। ସେହିଭଳି ବିନା ଭକ୍ତରେ ରଥଯାତ୍ରା ହେବ ବୋଲି ନିଷ୍ପତ୍ତି ହୋଇଛି। ଆମେ ରଥଯାତ୍ରାରେ ସାମିଲ ହେଉନୁ, ନିଜ ଘର ପରିସୀମା ଭିତରେ ଠିଆ ହୋଇ କାର୍ଯ୍ୟ କରୁଛି। ଏହାକୁ ରୋକିବାର ଅଧିକାର କାହାରି ନାହିଁ।

– ସିଦ୍ଧେଶ୍ୱର ମହାନ୍ତି, ବଡଦାଣ୍ଡ ସଂଲଗ୍ନ ଅଞ୍ଚଳର ଘର ମାଲିକ

### 'ବ୍ୟକ୍ତିଗତ କାର୍ଯ୍ୟକଳାପରେ ହସ୍ତକ୍ଷେପ'



ଏଭଳି ପଦକ୍ଷେପ ନିହାତି ପକ୍ଷେ ନିନ୍ଦନୀୟ। ଯେଉଁମାନେ ଘରେ ଅଛନ୍ତି ସେମାନେ ରାସ୍ତା ଉପରକୁ ଆସୁନାହାନ୍ତି। ଘରେ ରହି ଦର୍ଶନ କରିବାରେ ଅସୁବିଧା କେଉଁଠି। ତେବେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ମୋ ଘର ଭିତରେ ମୋ ଚଳପ୍ରଚଳକୁ ପ୍ରଶାସନ ରୋକିପାରିବ ନାହିଁ। ଏସବୁ ବ୍ୟକ୍ତିଗତ କାର୍ଯ୍ୟକଳାପରେ ହସ୍ତକ୍ଷେପ ବୋଲି ବୁଝାଯିବ। ଏଭଳି ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରିନିଆଯାଉ।

– ଉମାକାନ୍ତ ନାୟକ, ବଡଦାଣ୍ଡ ସଂଲଗ୍ନ ଅଞ୍ଚଳର ଘର ମାଲିକ

**ବଜ୍ରପାତରେ ଯୁବତୀ ଗୁରୁତର**

**ବାରଙ୍ଗ,(ଡି.ଏନ୍.ଏ.):** ରାଜ୍ୟର ବିଭିନ୍ନ ସ୍ଥାନରେ ରବିବାର ଅପରାହ୍ଣରେ ଘଡ଼ଘଡ଼ି, ବଜ୍ରପାତ ସହ ଭୀଷଣ ଧାରଣର ବର୍ଷା ହୋଇଥିଲା। ତେବେ ବଜ୍ରପାତରେ ବାରଙ୍ଗସ୍ଥିତ ସୀତାରାମ ବଜାରର ଜଣେ ଯୁବତୀ ଗୁରୁତର ହୋଇଛନ୍ତି। ସୀତାରାମ ବଜାରରେ ରହୁଥିବା ଶାନ୍ତିଲତା ବେହେରାଙ୍କ ଝିଅ ସାବିତ୍ରୀ ଘରେ ବସିଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଏହି ବଜ୍ରପାତରେ ସେ ଗୁରୁତର ହୋଇଥିଲେ। ସାବିତ୍ରୀଙ୍କୁ ପରିବାର ଲୋକେ ଉଦ୍ଧାର କରି କଟକ ବଡ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଛନ୍ତି। ବଜ୍ରପାତରେ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଥିବା ବେଳେ ଅଞ୍ଚଳରେ ୩ ଘଣ୍ଟା ପାଇଁ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଥିଲା।

## ସଂକ୍ଷେପରେ

### ୧୧୮ ପଜିଟିଭ, ୧୫୩ ସୁସ୍ଥ

**ଖୋର୍ଦ୍ଧା ଅଫିସ,୪।୭ :** ଖୋର୍ଦ୍ଧା ଗ୍ରାମାଞ୍ଚଳରେ କୋଭିଡ୍ ସଂକ୍ରମଣ ସ୍ଥିତି ନିୟନ୍ତ୍ରଣରେ ରହିଛି। ରବିବାର ୧୧୮ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୧୫୩ଜଣ ସୁସ୍ଥ ହୋଇଛନ୍ତି। ପଜିଟିଭଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକର ୨୦, ବାଲିପାଟଣା ୧୮, ଭୁବନେଶ୍ୱର ବ୍ଲକ ୯, ଜଟଣୀ ୯, ଖୋର୍ଦ୍ଧା ୨୧, ବେଗୁନିଆ ୧୬, ବୋଲଗଡ଼ ୯, ଟାଙ୍ଗୀ ୧୦, ଚିଲିକା ୩ ଏବଂ ବାଣପୁରର ୩ଜଣ ରହିଛନ୍ତି। ଗ୍ରାମାଞ୍ଚଳରେ ଏପର୍ଯ୍ୟନ୍ତ ମୋଟ୍ ୧୩୦ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬୪୭ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି।

### ଓପନ ଜିମ୍‌ର ମରାମତି ଦାବି

**ଟାଙ୍ଗୀ (ଖୋର୍ଦ୍ଧା),୪।୭(ଡି.ଏନ୍.ଏ.):** ଟାଙ୍ଗୀ ଚିଲିକା ଷ୍ଟାଡିୟମଠାରେ ରହିଛି ଓପନ ଜିମ୍। ପ୍ରତିଦିନ ଏଠାରେ ଶତାଧିକ ପୁରୁଷ ଓ ମହିଳା ଆସି ଅଭ୍ୟାସ କରିଥାନ୍ତି। ତେବେ ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗିରୁଜି ଗଲାଣି। ସ୍ଥାନୀୟ ସରପଞ୍ଚ କିମ୍ବା ବ୍ଲକ ପ୍ରଶାସନ ଏହାର ମରାମତି କାର୍ଯ୍ୟ ସମ୍ପନ୍ନ କରିବାକୁ ସାଧାରଣରେ ଦାବି ହେଉଛି। ପୂର୍ବତନ ସାଂସଦ ପାଣ୍ଠିରୁ ଏହି ଓପନ ଜିମ୍ ସ୍ଥାପନ ହୋଇଥିଲା।

### ମାଙ୍କଡ଼ କାମୁଡ଼ାରେ ୨ ନାବାଳିକା ଆହତ

**ବୋଲଗଡ,୪।୭(ଡି.ଏନ୍.ଏ.):** ବୋଲଗଡ ବ୍ଲକ ଅନ୍ତର୍ଗତ କନ୍ତାଇଲୋ ଗ୍ରାମରେ ଶନିବାର ମାଙ୍କଡ଼ ଆକ୍ରମଣରେ ଦୁଇଜଣ ନାବାଳିକା ଆହତ ହୋଇଛନ୍ତି। ସେମାନଙ୍କୁ ବାଙ୍କୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ମାଙ୍କଡ଼ କାମୁଡ଼ା ପ୍ରତିଷେଧକ ଟିକା ଦିଆଯାଇଛି। ସୂଚନା ଅନୁଯାୟୀ, କନ୍ତାଇଲୋ ଗ୍ରାମକୁ ଅନେକ ସମୟରେ ନିକଟ ଜଙ୍ଗଲରୁ ମାଙ୍କଡ ପଲ ଆସିଥାନ୍ତି। ଶନିବାର ଏକ ମାଙ୍କଡ଼ ଗ୍ରାମବାସୀଙ୍କୁ ଆକ୍ରମଣ କରିବା ପାଇଁ ଗୋଡାଇଥିଲା। ତେବେ ୧୦ ଓ ୧୨ ବର୍ଷର ଦୁଇ ବାଳିକାଙ୍କୁ କାମୁଡ଼ି ଦେଇଥିଲା। ଫଳରେ ଗ୍ରାମବାସୀ ଭୟଭୀତ ହୋଇପଡିଥିଲେ। ଏନେଇ ବୋଲଗଡ ବନପାଳ ପ୍ରଦୀପ୍ତ ପଟ୍ଟନାୟକଙ୍କୁ ଅବଗତ କରାଯାଇଛି।

### ମଣିଷ ଜୀବନରେ ଗଛ ଲଗାଇବା ଜରୁରୀ

**ପିପିଲି/ଗୋପ,୪।୭(ଡି.ଏନ୍.ଏ.):** ପିପିଲି- ଡେଲାଙ୍ଗ ନିର୍ବାଚନମଣ୍ଡଳୀର ଦିବଂଗତ ବିଧାୟକ ପ୍ରଦୀପ ମହାରଥୀଙ୍କ ରବିବାର ୬୬ତମ ଜନ୍ମତିଥିରେ ଚାରାରୋପଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ସୁପୁତ୍ର ତଥା ବିଜେଡି ଦଳର ବିଧାୟକ ପ୍ରାର୍ଥୀ ରୁଦ୍ରପ୍ରତାପ ମହାରଥୀ ପିପିଲି ବ୍ଲକ କଣ୍ଟି ପଞ୍ଚାୟତରେ ପହଞ୍ଚି ବାପାଙ୍କ ଉଦ୍ଦେଶ୍ୟରେ ଚାରାରୋପଣ କରିବା ସହ କୋଭିଡ୍ ପାଇଁ ଜନ ସଚେତନତା ଆଣି ମାସ୍କ ଓ ସାନିଟାଇଜର ବଣ୍ଟନ କରିଥିଲେ। ଏଥିରେ 'ଆମ୍ରା' ଅଧକ୍ଷ ପିପିଲି ଧରଣୀଧର ସାହୁ, ପୁରୀ ଜିଲା ଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁ, ତପନ ନାୟକ, ଆର୍ତ୍ତବନ୍ଧୁ ସାମନ୍ତରାୟ, କଣ୍ଟି ସରପଞ୍ଚ ପ୍ରକାଶ ଧଳ, ସମିତିସଭ୍ୟ ପ୍ରସନ୍ନ ସାହୁ, ଦୁର୍ଯ୍ୟୋଧନ ପରିଡା, କୃଷକ ନେତା ମକର ପ୍ରଧାନ, ମନୋଜ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ମନୁଷ୍ୟ ଜୀବନରେ ଥରେ ଗଛଟିଏ ଲଗାଇବା ଆବଶ୍ୟକ ବୋଲି ବନ ମହୋତ୍ସବ ପାଳିତ ଅବସରରେ ଗୋପ ମହାବିଦ୍ୟାଳୟ କଲେଜ ଅଧକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ କହିଥିଲେ। ଏହି ମହୋତ୍ସବ ଗୋପ କଲେଜ ଜାତୀୟ ସେବା ଯୋଜନା, ନିଃସାର୍ଥ ପରିବାର, ଉତ୍ସର୍ଗ ଅନୁଷ୍ଠାନ ଓ ଗୋପ ବନ୍ୟ ପ୍ରାଣୀ ବିଭାଗ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ସମସ୍ତେ ବିଭିନ୍ନ କିସମର ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ଗୋପ ରେଞ୍ଜର ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଅଧ୍ୟାପକ ଶୈଳେନ୍ଦ୍ର ରଥ, ବିଭୂତି ଭୂଷଣ ସେନାପତି, ଶରତ ସାହୁ, ପ୍ରଶାନ୍ତ ସେନାପତି ପ୍ରମୁଖ ଯୋଗଦେଇଥିଲେ।

### ୪ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ

**ନିରାକାରପୁର,୪।୭(ଡି.ଏନ୍.ଏ.):** ଚଳିତ ବର୍ଷ ନିରାକାରପୁର ଅଞ୍ଚଳରେ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ରବିବାର ସହଯୋଗ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କ୍ଷେତ୍ରବାସୀ ଏକାଡ଼େମୀର ଆଦର୍ଶ ଖଣ୍ଡୟତରାୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଦୀପ୍ତୀରାଣୀ ମିଶ୍ର, ସମରେଶ ରଥ ଓ ହୃଦାନନ୍ଦ ପୃଷ୍ଟିଙ୍କୁ କୋଭିଡ୍ ନିୟମକୁ ପାଳନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସହଯୋଗ ଅନୁଷ୍ଠାନର ସଭ୍ୟ ଶ୍ୟାମସୁନ୍ଦର ପଟ୍ଟନାୟକଙ୍କ ସହଧର୍ମିଣୀ ସ୍ୱର୍ଗତ ପ୍ରମିଳା ପଟ୍ଟନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ କରାଯାଇଥିଲା। ସେହିପରି ୧୬ନଂ. ଜାତୀୟ ରାଜପଥରେ ଅସହାୟ ବ୍ୟକ୍ତିଙ୍କୁ ରନ୍ଧାଖାଦ୍ୟ ଓ ମାସ୍କ ବଣ୍ଟନ କରାଯାଇଥିଲା। ଦାଶରଥୀ ବିଶୋଇ, ମାନସ ଚନ୍ଦ୍ର ପଟ୍ଟନାୟକ, ଲଛମନ ନାୟକ, ହିମାଂଶୁ ଭୂଷଣ ଚମ୍ପତିରାୟ କାର୍ଯ୍ୟକ୍ରମରେ ସହଯୋଗ କରଥିଲେ।

# ଅସୁସ୍ଥ ହାତୀକୁ ଟ୍ରାଙ୍କୁଲାଇଜ୍

**ଖୋର୍ଦ୍ଧା ଅଫିସ,୪।୭**

**ଖୋର୍ଦ୍ଧା ବନଖଣ୍ଡ**
- ଗ୍ରାମବାସୀଙ୍କ ସହଯୋଗରେ ୧୫ ଦିନ ପରେ ହାତୀ ଠାବ
- ପାଦରେ ଗଭୀର ଆଘାତ ଲାଗିଥିଲା
- ଚିକିତ୍ସା ସଫଳ, ୭ଦିନ ପରେ ସମ୍ପୂର୍ଣ୍ଣ ସୁସ୍ଥ ଆଶା



ଖୋର୍ଦ୍ଧା ବନାଞ୍ଚଳ ଅନ୍ତର୍ଗତ ଗୋଡ଼ା ଜଙ୍ଗଲରେ ଏକ ଦନ୍ତା ହାତୀ ଅସୁସ୍ଥ ହୋଇ ଘୂରି ବୁଲିଥିଲା। ଶନିବାର ରାତିରେ ହାତୀକୁ ଠାବ କରାଯାଇ ଟ୍ରାଙ୍କୁଲାଇଜ କରି ବନ ବିଭାଗ ଚିକିତ୍ସା କରିଛି। କ୍ଷତାକ୍ତ ପାଦର ଅପରେଶନ ପରେ ହାତୀ ଏବେ ସୁସ୍ଥ ଥିବା ଜଣାପଡ଼ିଛି। ସପ୍ତାହ ପରେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯିବ ବୋଲି ଓୟୁଏଟି ପ୍ରାଣୀଧନ ବିଭାଗ ପକ୍ଷରୁ ସୂଚନା ମିଳିଛି।

ମିଳିଥିବା ସୂଚନା ମୁତାବକ, ଗୋଡ଼ା ଜଙ୍ଗଲରେ ଏକ ହାତୀର ପାଦରେ ଆଘାତ ଲାଗିବାରୁ ସେ ଚାଲିବାରେ କଷ୍ଟ ଅନୁଭବ କରୁଥିଲା। ଦୀର୍ଘଦିନ ଧରି ଜଙ୍ଗଲ ଚାରିପଟେ ବୁଲୁଥିଲା। ହାତୀଟି ଅସୁସ୍ଥ ଅବସ୍ଥାରେ ବୁଲୁଥିବା ସ୍ଥାନୀୟ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏନେଇ ଗ୍ରାମବାସୀ ଖୋର୍ଦ୍ଧା ବନ ବିଭାଗକୁ ଜଣାଇଥିଲେ। ଏହା ପରେ ବନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଖୋର୍ଦ୍ଧା ବନଖଣ୍ଡ ଡିଏଫ୍ଓ ପୁନିଆ ପାଣ୍ଡାୟନଙ୍କ ନେତୃତ୍ୱରେ ଏସିଏଫ୍ ଗୋବିନ୍ଦ ବିଶ୍ୱାଳ, ଖୋର୍ଦ୍ଧା ବନ ଅଧିକାରୀ ଅସିତ ମିଶ୍ରଙ୍କ ସମେତ ଏକ ଟିମ୍ ଜଙ୍ଗଲରେ ହାତୀର ଗତିବିଧି ଉପରେ ନଜର ରଖିଥିଲେ। ହାତୀକୁ କାବୁ କରିବା ଲାଗି ଚନ୍ଦକା ଅଭୟାରଣ୍ୟର ମାହୁନ୍ତ ରାଜେନ୍ଦ୍ର ବେହେରା ଏବଂ ଟ୍ରାଙ୍କୁଲାଇଜର ଟିମ୍ ସାମିଲ ହୋଇଥିଲେ। ହାତୀକୁ ଠାବ କରିବା ଲାଗି ବନ ବିଭାଗ ନାକେଦମ ହୋଇପଡିଥିଲା। ଗ୍ରାମବାସୀଙ୍କ ସହଯୋଗରେ ୧୫ଦିନର ଅକ୍ଲାନ୍ତ ପରିଶ୍ରମ ପରେ ଶନିବାର ରାତିରେ ଗୋଡା ଜଙ୍ଗଲ ନିକଟରୁ ହାତୀକୁ ଠାବ କରାଯାଇଥିଲା। ଟ୍ରାଙ୍କୁଲାଇଜ କରି ତା'ର ଚିକିତ୍ସା କରାଯାଇଥିଲା। ଓୟୁଏଟି ପ୍ରାଣୀଧନ ପ୍ରଫେସର ଇନ୍ଦ୍ରମଣି ନାଥଙ୍କ ନେତୃତ୍ୱରେ ଏକ ଟିମ୍ ଏହି ଚିକିତ୍ସା କରିଥିଲେ। ଏ ସମ୍ପର୍କରେ ପ୍ରଫେସର ନାଥ କହିଛନ୍ତି, ହାତୀର ପାଦରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଚିକିତ୍ସା ସଫଳ ହୋଇଛି। ସପ୍ତାହେ ପାଇଁ ହାତୀକୁ ପର୍ଯ୍ୟବେକ୍ଷଣରେ ରଖିବା ଲାଗି ପରାମର୍ଶ ଦିଆଯାଇଛି। ହାତୀର ସ୍ୱାଭାବିକ ସ୍ଥିତିକୁ ଫେରିବାରେ ସମୟ ଲାଗିବ। ଅନ୍ୟପଟେ ଏନେଇ ପରିବେଶବିତ୍ ଧନେଶ୍ୱର ବିଧାର କୁହନ୍ତି, ଏହି ବନାଞ୍ଚଳ ଅନ୍ତର୍ଗତ ଜଙ୍ଗଲରେ ହାତୀ ଓ ମଣିଷ ମଧ୍ୟରେ ଦୀର୍ଘ ଦିନ ଧରି ଲଢେଇ ଜାରି ରହିଛି। ତେବେ ହାତୀର ଚିକିତ୍ସା କରାଯାଇଛି। ମାନବିକତା ଆଗରେ ସବୁ କିଛି ଫିକା ବୋଲି ଏହାକୁ ଗ୍ରାମବାସୀ ଦର୍ଶାଇଛନ୍ତି।



ସପ୍ତାହାନ୍ତ ଶଟ୍‌ଡାଉନ୍ ପାଇଁ ରବିବାର ଖୋର୍ଦ୍ଧା ରୋଡ୍ ରେଳ ଜଙ୍କଶନ(ଜଟଣୀ) ମୁଖ୍ୟ ରାସ୍ତା ଶୂନ୍‌ଶାନ୍।

## ଥାନା ଆଗରେ ମୃତଦେହ ରଖି ଧାରଣା

**ବାଲିପାଟଣା,୪।୭(ଡି.ଏନ୍.ଏ.)**

ବାଲିପାଟଣା ଥାନା ବାରିଲୋ ଗ୍ରାମର ଜଣେ ଯୁବକ ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ହେଲେ ପ୍ରଶାନ୍ତ ଭୋଇ। ଉପଯୁକ୍ତ ନ୍ୟାୟ ନ ମିଳିବାରୁ ପ୍ରଶାନ୍ତ ଆତ୍ମହତ୍ୟା କରିଛି ବୋଲି ତାଙ୍କ ବାପା କୃଷ୍ଣଚନ୍ଦ୍ର ଭୋଇ ଥାନାରେ ଅଭିଯୋଗ କରିଛନ୍ତି। ତେବେ ମୃତକଙ୍କ ପରିବାରକୁ ନ୍ୟାୟ ଦାବିରେ ରବିବାର ଗ୍ରାମବାସୀ ମୃତଦେହ ଥାନା ଆଗରେ ରଖି ଧାରଣା ଦେଇଥିଲେ। ସୂଚନା ମୁତାବକ, ପ୍ରଶାନ୍ତଙ୍କ ୫ବର୍ଷ ପୂର୍ବେ ବିବାହ ହୋଇଥିଲା। ତାଙ୍କର ୩ବର୍ଷର ପୁଅ ଅଛି। ତେବେ ତାଙ୍କ ସ୍ତ୍ରୀଙ୍କ ଏହି ଗ୍ରାମର ଜଣେ ଯୁବକଙ୍କ ସହ ସମ୍ପର୍କ ଥିବା ନେଇ ପ୍ରଶାନ୍ତ ବାଲିପାଟଣା ଥାନାର ଦ୍ୱାରସ୍ଥ ହୋଇଥିଲେ। ତଦନ୍ତକାରୀ ଅଧିକାରୀ ସ୍ୱାମୀ-ସ୍ତ୍ରୀଙ୍କୁ ଆପୋସ ବୁଝାମଣା କରି ଛାଡିଥିଲେ। ଏଥିରେ ପ୍ରଶାନ୍ତ ରାଜି ହୋଇ ନ ଥିଲେ। ପ୍ରଶାନ୍ତ ଶନିବାର ବିଷ ପିଇବାରୁ ତାଙ୍କୁ ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ କ୍ୟାପିଟାଲ ହସ୍ପିଟାଲ ଓ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ରବିବାର ପୂର୍ବାହ୍ଣରେ ତାଙ୍କ ମୃତ୍ୟୁ ହୋଇଥିଲା। ତଦନ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ସମ୍ପୃକ୍ତ ଯୁବକଙ୍କୁ ଗିରଫ ଦାବିରେ ଗ୍ରାମବାସୀ ଥାନା ଆଗରେ ମୃତଦେହ ରଖି ଧାରଣା ଦେଇଥିଲେ। ଥାନା ଅଧିକାରୀ କୃପାସିନ୍ଧୁ ବରାଡ଼ ପହଞ୍ଚି ବୁଝାଶୁଝା କରିବା ସହ ତଦନ୍ତକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା।

## ମା' ଝିଅଙ୍କ ମୃତ୍ୟୁ ଘଟଣା: ଶାଶୁ, ଶ୍ୱଶୁର ଗିରଫ

**ଖୋର୍ଦ୍ଧା ଅଫିସ,୪।୭**

ଅଧିକ ଯୌତୁକ ଦାବିରେ ପାଟପୁର ଗ୍ରାମର ୭ବର୍ଷର ଝିଅ ସମେତ ମା' ରାଜଶ୍ରୀ ପତିଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗରେ ଖୋର୍ଦ୍ଧା ଟାଉନ ପୋଲିସ ରବିବାର ଶ୍ୱଶୁର ସୁରେଶ କୁମାର ପତି(୭୪) ଓ ଶାଶୁ ମନୋରମା(୬୫)ଙ୍କୁ ଗିରଫ କରିଛି। ସୂଚନାଥାଉ କି, ୨୦୧୨ ମସିହାରେ ପୁରୀ ଜିଲା ସତ୍ୟବାଦୀ ଅଞ୍ଚଳର ଅଶ୍ୱିନୀ ପଣ୍ଡାଙ୍କ ଝିଅ ରାଜଶ୍ରୀ ପାଟପୁର ଗ୍ରାମର ଶିବପ୍ରସାଦଙ୍କୁ ବିବାହ କରିଥିଲେ। ତେବେ ବିବାହ ପରଠାରୁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ ଅଶାନ୍ତି ଲାଗିରହିଥିଲା। ଏଥିସହ ଶ୍ୱଶୁରଘର ଲୋକେ ଅଧିକ ଯୌତୁକ ଦାବିରେ ରାଜଶ୍ରୀଙ୍କୁ ନିର୍ଯାତନା ଦେଉଥିଲେ। ଗତ ମେ' ୧୮ରେ ରାଜଶ୍ରୀ ଓ ୭ବର୍ଷର ଝିଅକୁ ଶ୍ୱଶୁର ଘର ଲୋକେ ମାରିଦେଇଛନ୍ତି ବୋଲି ଅଶ୍ୱିନୀ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ହତ୍ୟା ମାମଲା (ନଂ.୨୦୩/୨୧)ରୁଜୁକରି ଅଭିଯୁକ୍ତ ସ୍ୱାମୀ ଶିବପ୍ରସାଦଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ପୋଲିସ ରବିବାର ଶାଶୁ ଓ ଶ୍ୱଶୁରଙ୍କୁ ରଙ୍କୁ ଗିରଫ କରିଛି।

## ଅଭିଯୋଗକାରୀଙ୍କୁ ପୋଲିସର ଦୁର୍ବ୍ୟବହାର

**ପ୍ରତିବାଦରେ ଥାନା ଆଗରେ ଧାରଣା**

**ନିରାକାରପୁର,୪।୭(ଡି.ଏନ୍.ଏ.)**




ଅଭିଯୋଗକାରୀ ଏବଂ ସମ୍ପର୍କୀୟମାନେ ଥାନା ଆଗରେ ଧାରଣା ଦେଇଛନ୍ତି।

ଜଙ୍କିଆ ଥାନାର ଜଣେ ଏଏସଆଇ ଅଭିଯୋଗକାରୀଙ୍କୁ ଦୁର୍ବ୍ୟବହାର କରିବା ପ୍ରତିବାଦରେ ରବିବାର ପରିବାରଲୋକେ ଓ ସେମାନଙ୍କର ସମ୍ପର୍କୀୟମାନେ ଥାନା ମୁଖ୍ୟ ଫାଟକ ଆଗରେ ୩ଘଣ୍ଟା ଧରି ଧାରଣା ଦେଇଥିଲେ। ସୂଚନା ମୁତାବକ, ଏହି ଥାନା ଅଧୀନ ମୁଣ୍ଡାଆମ୍ବ ମୌଜା ପ୍ଲଟ ନଂ.୨୧୧, ଖାତା ନଂ.୩୭୪ ଓ ଏରିଆ ୭୦୦ ଡିସିମିଲ ଜାଗାରେ କୋକିଳବାଳା ବଳବନ୍ତରାୟ ଓ ହର୍ଷମଣି ବଳବନ୍ତରାୟ ଶାଶୁଘରେ ରହିବା ସହ ଚାଷ କରି ଚଳୁଥିଲେ। ଏହି ଜାଗାର ଚାରିପଟେ ବାଡ଼ ଦେବା ବେଳେ ଗ୍ରାମର ତୋଫାନ ବଳବନ୍ତରାୟ ଓ ତପନ ବଳବନ୍ତରାୟ ପ୍ରତିବାଦ କରିଥିଲେ। ଏନେଇ କୋକିଳବାଳା ଓ ହର୍ଷମଣି ଶନିବାର ଥାନାକୁ ଅଭିଯୋଗ କରିବାକୁ ଯାଇଥିବା ବେଳେ ଦାୟିତ୍ୱରେ ଥିବା ମହିଳା ଏଏସ୍ଆଇ କୌଣସି କାରଣକୁ ନେଇ ସେମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ଏହାର ପ୍ରତିବାଦରେ ଅଭିଯୋଗକାରୀ ଓ ସେମାନଙ୍କର ସମ୍ପର୍କୀୟମାନେ ଥାନା ମୁଖ୍ୟ ଫାଟକ ଆଗରେ ରବିବାର ଅପରାହ୍ଣ ସାଢେ ୨ଟାରୁ ୫ଟା ପର୍ଯ୍ୟନ୍ତ ବସିରହିଥିଲେ। ଖବରପାଇ ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ ପହଞ୍ଚି ବୁଝାଶୁଝା କରିବା ସହ ୩ଦିନ ମଧ୍ୟରେ ଉକ୍ତ ଜାଗା ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା। ତେବେ ଦୁର୍ବ୍ୟବହାର ଘଟଣା ସମ୍ପର୍କରେ ଏଏସ୍ଆଇଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରି ନ ଥିଲା।

## ବଜ୍ରପାତରେ ୩ ଗୋରୁ ମୃତ

**ବୋଲଗଡ଼,୪।୭(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ସାଗରଗୁଆଁ ପଞ୍ଚାୟତ ଅନ୍ତର୍ଗତ ବାଲସିଂହ ଗ୍ରାମରେ ରବିବାର ଅପରାହ୍ଣରେ ବଜ୍ରପାତ ହେବାରୁ ୩ ଗୋରୁଙ୍କ ମୃତ୍ୟୁ ଘଟିଛି। ସେଥିରେ ବାଲସିଂହ ଗ୍ରାମର ଶେଷଦେବ ମହାପାତ୍ରଙ୍କ ଗୋଟିଏ ବଳଦ ଏବଂ ପୁରୁଷୋତ୍ତମ ଦଳେଇ ଓ ବିକ୍ରମ ଦଳେଇଙ୍କର ଦୁଇ ଗାଈ ମରିଥିବା ଜଣାପଡ଼ିଛି।

# ପ୍ରତିଶ୍ରୁତିରେ ଅଟକିଛି ସିଏଚ୍‌ସି ମାନ୍ୟତା

**ବେଗୁନିଆ,୪।୭(ଡି.ଏନ୍.ଏ.)**




**ବେଗୁନିଆ ପିଏଚ୍‌ସି**

ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାରେ ରହିଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ)କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ଦେବା ପାଇଁ ଦାବି ହେଉଛି। ଦୀର୍ଘବର୍ଷ ଧରି ଏହି ଦାବି ହେଉଥିଲେ ମଧ୍ୟ ବିଭାଗ ପକ୍ଷରୁ ଅବହେଳା କରାଯାଉଛି। କେବଳ ପ୍ରତିଶ୍ରୁତିରେ ହିଁ ରହିଯାଇଛି। ଫଳରେ ରୋଗୀ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି।

ଏହି ବ୍ଲକରେ ୧୦ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ପିଏଚସି) ଓ ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚସି) ରହିଛି। ଏଠାରେ ବର୍ଷ ବର୍ଷ ଧରି ଡାକ୍ତର ଓ କର୍ମଚାରୀଙ୍କ ଅଭାବ ଲାଗି ରହିଛି। ଅନ୍ୟପଟେ ଭିତ୍ତିଭୂମିର ଅଭାବ ଯୋଗୁ ସ୍ୱାସ୍ଥ୍ୟସେବା ବ୍ୟାହତ ହେଉଛି। କେଉଁଠି ଡାକ୍ତର ନିୟମିତ ଆସୁନାହାନ୍ତି ତ ଆଉ କେଉଁଠି ଅପରାହ୍ଣରେ ଡାକ୍ତରଙ୍କ ଦେଖା ମିଳୁନାହିଁ। ବେଗୁନିଆ ସଦର ମହକୁମାରେ ବ୍ଲକ, ତହସିଲ ସମେତ ବହୁ ସରକାରୀ କାର୍ଯ୍ୟାଳୟ, ଥାନା, ରେଳ ଷ୍ଟେଶନ, ସାପ୍ତାହିକ ହାଟ, ବଜାର ରହିଛି। ଏହି ବ୍ଲକର ୨୧ପଞ୍ଚାୟତ ଏବଂ ବୋଲଗଡ଼ ବ୍ଲକର ୭ ପଞ୍ଚାୟତର ଲୋକେ ଏଠାକୁ ବିଭିନ୍ନ କାର୍ଯ୍ୟରେ ଆସିଥାନ୍ତି। ତେବେ ଏଠାରେ ରହିଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନୂତନ)ର ଭିତ୍ତିଭୂମି ଅଭାବ ଯୋଗୁ ଠିକ୍ ଭାବେ ସ୍ୱାସ୍ଥ୍ୟସେବା ମିଳୁନାହିଁ। ଆଡମିଶନ ହୋଇଥିବା ରୋଗୀଙ୍କୁ ମାଗଣା ରନ୍ଧା ଖାଦ୍ୟ ଯୋଗାଇ ଦେବା ପାଇଁ ନିୟମ ରହିଥିଲେ ମଧ୍ୟ ଶୁଖିଲା ଖାଦ୍ୟ ଦିଆଯାଉଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ସେହିପରି ପ୍ରସବ ପାଇଁ ଆସୁଥିବା ରୋଗୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଉଛି। ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନୂତନ)କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ଦେବା ପାଇଁ ଦାବି ଜୋର ଧରିଛି। ଏନେଇ ସ୍ଥାନୀୟ ବୁଦ୍ଧିଜୀବୀ, ଆଇନଜୀବୀ, ବଣିକସଂଘ ଓ ଜନକଲ୍ୟାଣ ପ୍ରତିଷ୍ଠାନ ପକ୍ଷରୁ ସ୍ଥାନୀୟ ବିଧାୟକ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ସଚିବଙ୍କ ନିକଟରେ ଦାବି ହୋଇଆସୁଛି। ୨୦୧୫ ମେ' ୧୦ରେ ବିଧାନସଭା ଗୃହ କମିଟି ଏହି ବ୍ଲକର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ସ୍ଥିତିକୁ ହୃଦୟଙ୍ଗମ କରିବା ପରେ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଖୁବ୍‌ଶୀଘ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଏହି ପ୍ରତିଶ୍ରୁତିକୁ ୬ବର୍ଷ ବିତିଯାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନାହିଁ। ଏହି ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ଆଇନଜୀବୀମାନେ ପୁଣି ସ୍ଥାନୀୟ ବିଧାୟକଙ୍କ ନିକଟରେ ଦାବି କରିଥିଲେ। ସ୍ୱାସ୍ଥ୍ୟ ସଚିବଙ୍କ ନିକଟରେ ଫାଇଲ ଅଟକିଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପାଇଁ ପ୍ରକ୍ରିୟା ଜାରି ରହିଛି ବୋଲି ସେ କହିଥିଲେ। ଅନ୍ୟପକ୍ଷେ ଏ ସମ୍ପର୍କରେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ବିଶ୍ୱ ରଞ୍ଜନ ପତି କହିଛନ୍ତି, ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପାଇଁ ବିଭାଗୀୟ ନିର୍ଦ୍ଦେଶକଙ୍କ ନିକଟକୁ ଫାଇଲ ପଠାଯାଇଛି। ଅନୁମତି ମିଳିବ ବୋଲି ଆଶା କରାଯାଉଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ମନୋଜ



@ ସଞ୍ଜୀବ



@ ସୈକ୍



@ ସିଦ୍ଧାର୍ଥ



@ ରଞ୍ଜନ



@ ବିଶ୍ୱଭୂଷଣ



@ ରାଜ୍

## ଡିସିପିଙ୍କୁ ଓଏସ୍‌ସିପିସିଆର୍‌ର ରିପୋର୍ଟ ତଲବ

**ନାବାଳକଙ୍କୁ ପୋଲିସର ଗୋଇଠା ମାଡ଼ ଘଟଣା**

**ଭୁବନେଶ୍ୱର,୪।୭(ବ୍ୟୁରୋ)**

ରାଜଧାନୀରେ ଚା ଦୋକାନ ଖୋଲିଥିବା ଜଣେ ନାବାଳକଙ୍କୁ ପୋଲିସ ଗୋଇଠା ମାରିବା ସହ ଜିନିଷପତ୍ର ଲୁଟିନେବା ଘଟଣାରେ ରବିବାର ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍) ଭୁବନେଶ୍ୱର ଡିସିପିଙ୍କୁ ରିପୋର୍ଟ ତଲବ କରିଛନ୍ତି। ୭ଦିନ ମଧ୍ୟରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ କହିଛନ୍ତି, ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟ ଅନୁସାରେ ନାବାଳକଙ୍କୁ ମାଡ଼ ମାରିବା ଅଧିକାର କାହାର ନାହିଁ। ଏହି ସମ୍ବେଦନଶୀଳ ଘଟଣାର ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପକ୍ଷରେ ଡିସିପି ଉମାଶଙ୍କର ଦାଶ କହିଛନ୍ତି, ଘଟଣା ଜଣାପଡ଼ିବା ପରେ ଗୋଇଠା ମାରିଥିବା ପିସିଆର୍ ଭ୍ୟାନ୍ ଡ୍ରାଇଭର ତଥା ହୋମଗାର୍ଡ ଅଜୟ କୁମାର ବିଶ୍ୱାଳଙ୍କୁ ତୁରନ୍ତ ନିଲମ୍ବିତ କରାଯାଇଥିଲା। ଏଥିସହିତ ଘଟଣା ସମୟରେ ସେଠାରେ ଉପସ୍ଥିତ ଥିବା ଅନ୍ୟ ଦୁଇଜଣ ପୋଲିସ କର୍ମଚାରୀଙ୍କ ବିରୋଧରେ ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି। ସୂଚନା ଯୋଗ୍ୟ, ଶହୀଦନଗର ଥାନା ଅନ୍ତର୍ଗତ କେଶୁରା ଅଞ୍ଚଳରେ ମଙ୍ଗଳବାର ଅପରାହ୍ଣ ପ୍ରାୟ ଗୋଟାଏ ସମୟରେ ଏକ ଚା' ଦୋକାନ ଖୋଲା ରହିଥିଲା। ଲକ୍‌ଡାଉନ ସମୟରେ ଦୋକାନ ଖୋଲା ଥିବା ଦେଖି ପିସିଆର ଭ୍ୟାନ୍‌ରେ ୩ଜଣ ପୋଲିସ କର୍ମଚାରୀ ସେଠାରେ ପହଞ୍ଚିଥିଲେ। ସେମାନେ ଦୋକାନ ଭିତରେ ପଶି କ୍ଷୀର, ବ୍ରେଡ୍ ଆଦି ବିଭିନ୍ନ ଜିନିଷ ବସ୍ତାରେ ପୂରାଇ ନେଇଯାଉଥିବା ସମୟରେ ଦୋକାନରେ ଥିବା ନାବାଳକ ଜଣକ ଏହାର ବିରୋଧ କରିଥିଲେ। ଏହି ସମୟରେ ହୋମଗାର୍ଡ ଅଜୟ ଉକ୍ତ ନାବାଳକଙ୍କୁ ନିଷ୍ଠୁର ଭାବେ ଗୋଇଠା ପରେ ଗୋଇଠା ମାରିଥିଲେ। ପରେ ଦୋକାନରୁ ଜିନିଷ ନେଇ ପଳାଇଥିଲେ। କରୋନା କଟକଣା ଆଳରେ ପୋଲିସର ଏଭଳି ଅମାନବୀୟ କାଣ୍ଡର ଭିଡିଓ ଭାଇରାଲ ହେବାପରେ ବିଭିନ୍ନ ମହଲରେ ନିନ୍ଦା କରାଯାଇଥିଲା। ପରେ ସମ୍ପୃକ୍ତ ହୋମଗାର୍ଡଙ୍କୁ ଡିସିପି ନିଲମ୍ବିତ କରିଥିଲେ।